## ସଂକ୍ଷେପରେ

### ବାଇକ୍‌କୁ ପିଟିଲା କାର୍, ୨ ଗୁରୁତର

**ଜଳେଶ୍ୱର, ୧।୮:** ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ବାଣିଦା ଛକ ନିକଟରେ ଗୁରୁବାର ୨ ଜଣ ବାଇକ୍ ଧରି ଛିଡ଼ା ହୋଇଥିବାବେଳେ ଏକ କାର୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପିଉସୀ ବାଣିଦା ଗ୍ରାମର କାକଲୀ ମହାନ୍ତି (୪୨) ଓ ତାଙ୍କ ପୁତୁରା ଶିବସାହି ଗ୍ରାମର ଦୀପକ ନାୟକ ଗୁରୁତର ଆହତ ହୋଇଛନ୍ତି। କାର୍‌ଟି ଘଟଣାସ୍ଥଳରୁ ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକମାନେ ୨ ଜଣଙ୍କୁ ଜିକେ ଭଛର ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ପିଉସୀଙ୍କୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଅନାବନା ଗଛଲଟାରେ ପୂର୍ଣ୍ଣ ଜାତୀୟ ରାଜପଥ ପାର୍ଶ୍ୱ



**ସୋର,୧।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଅନାବନା ଜଙ୍ଗଲରେ ପରିପୂର୍ଣ୍ଣ ହୋଇପଡିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତାରେ ଉଭୟ ପଟ ଗଛଲତାରେ ପରିପୂର୍ଣ୍ଣ ହୋଇ ପଡ଼ିଥିବାବେଳେ ବିଭାଗ ତରଫରୁ ଏହାକୁ ପରିଷ୍କାର ପରିଚ୍ଛନ୍ନ କରାଯାଉନାହିଁ। ବିଶେଷ କରି ଜାତୀୟ ରାଜପଥ ସୋର ଓଭରବ୍ରିଜ୍ ଓ ଦହିସଡ଼ାଠାରେ ଅଳିଆ ଆବର୍ଜନା ପଡ଼ି ରହି ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ରାସ୍ତା କଡ଼ରେ ଥିବା ଡ୍ରାବା ଓ ସୋର ମ୍ୟୁନିସିପାଲଟିର ଅଳିଆ ଆବର୍ଜନା ପଡ଼ି ରହ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଛି। ରାସ୍ତା ମଝିରେ ଲଗା ଯାଇଥିବା ଗଛ କଟା ଯାଉ ନ ଥିବାରୁ ରାସ୍ତା ଉପରକୁ ମାଡ଼ି ଆସି ଦୁର୍ଘଟଣା ଘଟୁଛି। ରାସ୍ତାରେ ଗୋରୁଗାଈ ଦୁର୍ଘଟଣା ଘଟିଲେ ଦୀର୍ଘଦିନ ଧରି ପଡ଼ି ରହୁଛି। ବିଭାଗ ତରଫରୁ ତୁରନ୍ତ ଉଠା ଯାଉ ନ ଥିବାରୁ ରାସ୍ତା ଉପରେ ପଡ଼ି ରହି ଦୁର୍ଗନ୍ଧ ହେଉଛି। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲାପାଳ ଓ ପ୍ରଦୂଷଣ ବିଭାଗଠାରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାର ଅଭିଯୋଗ ହେଉଛି।

### ୫ ଚୋରା ମଦବେପାରୀ ଗିରଫ

**ସୋର, ୧।୮(ଡି.ଏନ୍.ଏ.):** ସୋର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ମହାରଣା ସଦଳବଳେ ସୋର ଓ ସିମୁଳିଆ ଥାନାର ୫ଟି ସ୍ଥାନରେ ଚଢ଼ାଉ କରି ୫ ଚୋରା ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୋର ଥାନା ହାବେଳି ଗଣ୍ଡତିରା ଗ୍ରାମର ରବି ସିଂ, ହରି ସିଂ, ସିମୁଳିଆ ଥାନା ରାଧାବଲ୍ଲଭପୁର ଝାଟିଆମାଳ ଗ୍ରାମର ସୁମିତ୍ରା ଶଂଖୁଆ, ମହାନ୍ତି ପ୍ରଧାନ, ସଖୀ ପ୍ରଧାନ। ଏ ନେଇ ପୃଥକ୍ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା।

# ସେବାରେ ଲାଗୁନି ମାର୍କୋଣା ଶାଖା ଡାକଘର

**ସନ୍ତୋଷ କୁମାର ନାୟକ**
**ସିମୁଳିଆ, ୧।୮**

କେନ୍ଦ୍ର ସରକାର ଡାକସେବାକୁ ଅଧିକ ଗୁରୁତ୍ୱ ଦେବା ସହିତ ଜନସାଧାରଣଙ୍କ ପାଇଁ ବିଭିନ୍ନ ଲାଭଦାୟକ ଯୋଜନା ପ୍ରଣୟନ କରିଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାରେ ଗତ ୧୯୮୩ ମସିହାରୁ ପ୍ରତିଷ୍ଠିତ ଶାଖା ଡାକଘର ଜନସାଧାରଣଙ୍କ କାର୍ଯ୍ୟରେ ଲାଗିପାରୁନାହିଁ। ଉପଭୋକ୍ତାମାନଙ୍କୁ ସେବା ଯୋଗାଇଦେବା ପାଇଁ ଏହି ଶାଖା ଡାକଘର ପରିସରରେ କମ୍ପ୍ୟୁଟର, ଓଜନ ମେଶିନ, ମନି ଟ୍ରାନ୍ସଫର ମେଶିନ, କରେଣ୍ଟ ବ୍ୟାକ୍‌ଅପ୍ ଯୋଗାଇବା ପାଇଁ ୟୁପିଏସ୍, ଜେନେରେଟର, ଇଣ୍ଟରନେଟ୍ ଉପକରଣ ଆଦି ରହିଛି। ତେବେ କୌଣସି ଉପକରଣ ଏଠାରେ ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବା ସୂଚନା ମିଳିଛି। ଇଣ୍ଟରନେଟ୍ ପ୍ରୋସେସିଂରେ ବିଳମ୍ବ ହେଉଥିବାରୁ ୟୁପିଏସ୍ ମେଶିନ ବ୍ୟାକ୍‌ଅପ୍ ଯୋଗାଇ ପାରୁନାହିଁ। ଫଳରେ ବିଦ୍ୟୁତ୍ ଗଲାକ୍ଷଣି ଏହା ବନ୍ଦ ହୋଇଯାଉଛି। ସେହିପରି ଜେନେରେଟର ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତେଲର ବ୍ୟବସ୍ଥା ନ ଥିବାରୁ ଏହା ମଧ ବନ୍ଦହୋଇ ପଡ଼ିଛି। ଅପରପକ୍ଷେ ଏହି ଶାଖା ଡାକଘରେ ଡାକଟିକେଟ, ଆଇପିଓ ଆଦି କୌଣସି ସାମଗ୍ରୀ ମିଳୁ ନ ଥିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଗତ ୪ ମାସ ପୂର୍ବେ ଶାଖା ଡାକଘର ପୋଷ୍ଟମାଷ୍ଟର କୈଳାସ ନାୟକଙ୍କ ବଦଳି ହେବା ପରେ ମାର୍କୋଣା ଉପଡାକଘର ସହକାରୀ କର୍ମୀ (ପୋଷ୍ଟାଲ ଆସିଷ୍ଟାଣ୍ଟ) ସାଜାଦ ବେଗ୍ ଏଠାକାର ଦାୟିତ୍ୱରେ ଅଛନ୍ତି। ଭଦ୍ରକ ଜିଲାର ଘଣ୍ଟେଶ୍ୱର ଡାକଘର ପୋଷ୍ଟମାଷ୍ଟର କୈଳାସ ସିଂଙ୍କ ବଦଳି ଏଠାକୁ ହୋଇଥିଲେ ହେଁ ସେ ଏଠାରେ ଯୋଗଦେଇନାହାନ୍ତି। ଏପରି କି ସୁପରିଣ୍ଟେଣ୍ଡେଣ୍ଟଙ୍କ ନମ୍ବର କାନ୍ଥରେ ଲେଖା ନ ଥିବାବେଳେ ଅଭିଯୋଗ ରେଜିଷ୍ଟର ମଧ ନାହିଁ। କୌଣସି ସାମଗ୍ରୀ ନ ମିଳିବା ଓ ସେବାରେ ଅବହେଳା ସମ୍ପର୍କରେ ଦାୟିତ୍ୱରେ ଥିବା ସାଜାଦ ବେଗ୍‌ଙ୍କୁ ପଚାରିବାରୁ ପୋଷ୍ଟାଲ ଆଇଡି (ପୋଷ୍ଟମାଷ୍ଟରଙ୍କ ଆଇଡି) ନ ଥିବାରୁ ସେ କୌଣସି କାମ କରିପାରୁ ନ ଥିବାବେଳେ କୌଣସି ସାମଗ୍ରୀ ଯୋଗାଇବାରେ ଅସୁବିଧା ହେଉଥିବା ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଭଦ୍ରକ ହେଡ୍ ପୋଷ୍ଟଅଫିସ ଅଧୀନରେ ୧୯୪୪ ମସିହାରୁ ମାର୍କୋଣା ଷ୍ଟେଶନ ବଜାରରେ ଉପଡାକଘର ପ୍ରତିଷ୍ଠା ହୋଇଛି। ଏହା ଅଧୀନରେ ସିମୁଳିଆ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ବରିହା, ଆନନ୍ଦପୁର, ବରି, ବାଟି, ଗୋବିନ୍ଦପୁର, ଜାମୁଝାଡ଼ି, ମହମ୍ମଦପୁର, ଗାଁ ମାର୍କୋଣା, ରୁଢୁଙ୍ଗା ଓ ସହିଗାଁରେ ୧୦ଟି ଶାଖା ଡାକଘର ରହିଛି। ତେବେ ଉପଡାକଘରର କାର୍ଯ୍ୟଭାର କମ୍ କରିବା ସହିତ ଉପଭୋକ୍ତାଙ୍କ ଭିଡ଼ କମାଇବା ପାଇଁ ୧୯୮୩ ମସିହାରେ ଉପଡାକଘରଠାରୁ ୧କି.ମି. ଦୂର ସିମୁଳିଆ ବ୍ଲକ କାର୍ଯ୍ୟାଳୟ ନିକଟରେ ଏନ୍‌ଡିଟିଏସ୍‌ଓ (ନନ୍ ଡେଲିଭରି ଟାଉନ ସବ୍-ଅଫିସ) ଯୋଜନାରେ ଏକ ଶାଖା ଡାକଘର ଖୋଲାଯାଇଥିଲା। ଏହା ଖୋଲାଯିବାର ୨୦ବର୍ଷ ପରେ ତତ୍କାଳୀନ ପୋଷ୍ଟମାଷ୍ଟର ଏହାକୁ ମାର୍କୋଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ବନ୍ଦ ପଡ଼ିଥିବା ଏକ ମିଲ୍ ପରିସରକୁ ସ୍ଥାନାନ୍ତର କରିଥିଲେ। ତେବେ କୌଣସି ସୂଚନା ଫଳକ କିମ୍ବା ଗମନାଗମନର ସୁବିଧା ନ ଥିବାରୁ ଅଧିକାଂଶ ଏହି ଶାଖାଡାକଘର ସମ୍ପର୍କରେ ଅଜ୍ଞ ଥିଲେ।

ପୁନଶ୍ଚ ଏହା ବ୍ଲକ ନିକଟକୁ ସ୍ଥାନାନ୍ତରିତ ହେଲେ ଅଧିକ ରାଜସ୍ୱ ଆଦାୟ ହେବା ସହ ଉପଭୋକ୍ତାମାନେ ସୁବିଧା ପାଇପାରିବେ ନେଇ ଦାବି ସମ୍ପର୍କରେ 'ଧରିତ୍ରୀ'ରେ ଗତ ୧୬।୬।୨୦୧୪ରେ 'ଦୃଷ୍ଟି ଆଢୁଆଳରେ ମାର୍କୋଣା ଶାଖା ଡାକଘର' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା। ପରେ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଅନ୍ୟ ଏକ ଭଡ଼ାଘରକୁ ଏହା ସ୍ଥାନାନ୍ତର ହୋଇଥିଲେ ହେଁ ସମସ୍ୟାରେ ସୁଧାର ଆସିପାରିନାହିଁ। ବର୍ତ୍ତମାନ ଏହା ୨ ଜଣ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି।

## କର୍ତ୍ତୃପକ୍ଷଙ୍କ ଉଦାସୀନତା



ବିଦ୍ୟୁତ୍ ନ ଥିବାରୁ କାମ ବନ୍ଦ ରହିଛି।

- ୪ମାସ ହେଲା ନାହାନ୍ତି ପୋଷ୍ଟମାଷ୍ଟର
- ମିଳୁନି ଡାକଟିକେଟ, ଅଧିକାଂଶ ମେଶିନ ଅଚଳ

### ସଡକ ଦୁର୍ଘଟଣାରେ ଛାତ୍ରୀଙ୍କ ମୃତ୍ୟୁ
## ଦିନକ ପାଇଁ ଗରସଙ୍ଗ ମହାବିଦ୍ୟାଳୟ ବନ୍ଦ

**ଖଇରା, ୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ଭେଶ୍ୱର ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ମଧୁସ୍ମିତା ବିଶ୍ୱାଳ ସଡକ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ଗୁରୁବାର ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଗଜେନ୍ଦ୍ର ସେନାପତି ଏଥିରେ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ବିଜୟ କୁମାର ବେହେରା, ମାନସକୁମାର ମହାପାତ୍ର, ସଞ୍ଜୟ କୁମାର ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ କଲେଜକୁ ଦିନକ ପାଇଁ ବନ୍ଦ ରଖାଯାଇଥିଲା। ପ୍ରକାଶ ଥାଉ କି, ସିମୁଳିଆ ଥାନା ଅଧୀନ ନରସିଂହପୁର ଗ୍ରାମର ମଧୁସ୍ମିତାଙ୍କର ବୁଧବାର ଥିଲା କଲେଜଯିବାର ପ୍ରଥମ ଦିନ। କ୍ଲାସ ସାରି ରାଣିତାଳ-କୁପାରୀ ରାସ୍ତାରେ ଘରକୁ ଫେରୁଥିବା ବେଳେ ସାଲୋ ଛକ ନିକଟରେ ବାଇକ୍ ଧକ୍କାରେ ସେ ପ୍ରାଣ ହରାଇଥିଲେ।



ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ସଚେତନତା ଶୋଭାଯାତ୍ରାରେ ଶହୀଦଙ୍କ ବୀରତ୍ୱର ଗାଥା

**ବାହାନଗା, ୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଳନ କରାଯାଉଥିବା କାରଗିଲ୍ ବିଜୟ ଦିବସ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ମହାରଣା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସ୍ନେହାଞ୍ଜଳୀ ଦାସ, ଇତିଶ୍ରୀ ବେହେରା, ଅଧ୍ୟାପକ ଲକ୍ଷ୍ମଣ ପଣ୍ଡା, ଗଜେନ୍ଦ୍ର ପ୍ରସାଦ ନାୟକ, ସଂନ୍ଧ୍ୟାରାଣୀ ମହାପାତ୍ର, କବିତା ସାସ, ରଶ୍ମିତା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାରଗିଲ୍ ବିଜୟ ଦିବସ ଉପଲକ୍ଷେ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମହେଶ୍ୱର ଉପାଧ୍ୟାୟ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ସେ ବୀର ଯବାନଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ କାରଗିଲ୍ ଯୁଦ୍ଧରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସ୍ଥିତ ଅତିଥିମାନେ ଯବାନଙ୍କ ବୀରତ୍ୱ ବଖାଣିଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବାହାନଗା ରେଳଷ୍ଟେଶନ ଦେଇ ଇଚ୍ଛାପୁର ଗ୍ରାମ ଓ ବାହାନଗା ବଜାର ପରିକ୍ରମା କରିଥିଲା। ଉଦ୍‌ଯାପନୀ ସମାରୋହରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଅଧ୍ୟକ୍ଷ ବିନୋଦ ମହାରଣା, ମହେଶ୍ୱର ଉପାଧ୍ୟାୟ, ସବିତା ଦାସ, ପୁଷ୍ପିତା ନାୟକ, ସ୍ୱାଗତିକା ନାୟକ, ତାପସ କୁମାର ପାତ୍ର, ସୁରେନ୍ଦ୍ର ପ୍ରସାଦ ବାରିକଙ୍କ ସମେତ ସମସ୍ତ ଶିକ୍ଷା କର୍ମଚାରୀ ଓ ଅଣଶିକ୍ଷା କର୍ମଚାରୀମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

## ବିଦ୍ୟାଳୟରେ ଅଟଳ ଟିଙ୍କରିଂ ଲ୍ୟାବ୍ ଉଦ୍‌ଘାଟିତ

**ରେମୁଣା, ୧।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ହାଇସ୍କୁଲ ପରିସରରେ ଗୁରୁବାର ପୂର୍ବାହ୍ନରେ ଉପଜିଲାପାଳ ନୀଲୁ ମହାପାତ୍ରଙ୍କ ଦ୍ୱାରା ଅଟଳ ଟିଙ୍କରିଂ ଲ୍ୟାବ୍ ଉଦଘାଟିତ ହୋଇଛି। ଏହି ଲାବ୍ ମାଧ୍ୟମରେ ଛାତ୍ରୀଛାତ୍ର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଯାନ୍ତ୍ରିକ ଓ ଗଣିତ ବିଷୟରେ ବ୍ୟାବହାରିକ ଜ୍ଞାନ, କୌଶଳ ପାଇପାରିବେ। ଏହି ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଯୋଗଦେଇ ଏହି ପ୍ରକଳ୍ପ ଦ୍ୱାରା ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତେ ଉପକୃତ ହେବେ ବୋଲି କହିଥିଲେ। ସମାଜସେବୀ ସୁବ୍ରତ କୁମାର ରାଉତରାୟ, ମା' ଘରର ସଂଯୋଜିକା ଶ୍ରଦ୍ଧାଞ୍ଜଳି ରାୟ, ସମିତିସଭ୍ୟ ଆହେସାନ ଖାଁ, ଯୋଗେଶ ଚନ୍ଦ୍ର ବେହେରା, ଅଜୟ କୁମାର ନାୟକ, ରେମୁଣା ସରକାରୀ ବାଳିକା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାପାତ୍ର, ଶିକ୍ଷକ ପ୍ରଦୀପ୍ତ କୁମାର ମିଶ୍ର ଓ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ। ହାଇସ୍କୁଲର ତପନ କୁମାର ମିଶ୍ର, ହେମପ୍ରଭା ଅଗସ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଏନ୍‌ସିସି ଛାତ୍ରୀଛାତ୍ର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନ ଲାଗି ଏନ୍‌ଏସ୍‌ୟୁଆଇର ସଭା



ନିର୍ବାଚନୀ ସଭାରେ ଉପସ୍ଥିତ ନେତୃବୃନ୍ଦ ଓ ଛାତ୍ରନେତା।

**ରୂପ୍‌ସା, ୧।୮(ଡି.ଏନ୍.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଛାତ୍ର ସଙ୍ଗଠନ ଏନ୍‌ଏସ୍‌ୟୁଆଇ ପକ୍ଷରୁ ବୁଧବାର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ମହାନ୍ତି ପୌରୋହିତ୍ୟ କରିଥିଲେ। କସିପଦା ପଞ୍ଚାୟତ କଂଗ୍ରେସ ସଭାପତି ମନୋରଞ୍ଜନ ନାୟକ, ଛାତ୍ରନେତା ବିଜୟ କୁମାର ମହାପାତ୍ର ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସଙ୍ଗଠନ ପକ୍ଷରୁ କଲେଜରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ପାଇଁ ଛାତ୍ରନେତାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଆଗାମୀ କଲେଜ ନିର୍ବାଚନରେ ବିଜୟୀ ହେବା ପାଇଁ ବିଭିନ୍ନ ରଣକୌଶଳ ପ୍ରସ୍ତୁତ ହୋଇଥିଲା। ସଭାରେ ଛାତ୍ରନେତା ମନୋଜ ରାଉତ, ଗଣେଶ ପାଢ଼ୀ, କୀର୍ତ୍ତିମାନ ପଣ୍ଡା, କରୁଣାକର ବେହେରା, ମମିଶା ଜେନା, ଲକି ଖଟୁଆ, ବିକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ପୁଅର ଫେରିବା ବାଟକୁ ଚାହିଁ ବସିଛନ୍ତି ମା'ବାପା

**ରୂପ୍‌ସା, ୧।୮(ଡି.ଏନ୍.ଏ.)**

କଲିକତାର ଏକ ହୋଟେଲରେ କାମ କରି ପୁଅ ପରିବାରର ଗୁଜୁରାଣ ମେଣ୍ଟାଉଥିଲା। ପୂର୍ବରୁ ବାଲେଶ୍ୱରରେ ଦିନମଜୁରିଆ ଭାବେ ପ୍ରତିଦିନ ମୂଲ ଲାଗୁଥିଲା। ଯାହା ଦି' ପଇସା ରୋଜଗାର କରୁଥିଲା ସେଥିରେ ନିଜ ଖର୍ଚ୍ଚ ସାଙ୍ଗକୁ ପରିବାରର ଖର୍ଚ୍ଚ ପାଇଁ ଦେଉଥିଲା। ହେଲେ ରଜ ପରେ କଲିକତା ଯାଇଛି ଯେ ଦେଢ଼ମାସ ହେବ ଘରକୁ ଫେରିନି। ଯେଉଁ ହୋଟେଲରେ କାମ କରୁଥିଲେ ସେଠାର ମାଲିକ କହୁଛନ୍ତି, ପୁଅ ଘରକୁ ଯିବ କହି ପଳାଇଛି। ଏଣେ ଦୁଃଖରେ ପୁଅର ଫେରିବା ବାଟକୁ ଚାହିଁ ରାତିଦିନ ଆଖିରୁ ଲୁହ ଝରାଉଛନ୍ତି ନିଖୋଜ ଯୁବକଙ୍କ ମା' ଭାରତୀ ଓ ବାପା ଗଙ୍ଗାଧର।

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ବରହମ୍ପୁର ଗ୍ରାମର ଗଙ୍ଗାଧର ଯେନା ଓ ଭାରତୀଙ୍କ ପୁଅ ବିଜୁ। ବୟସ ୧୯। ଅଳ୍ପ କିଛି ପାଠ ପଢ଼ିବା ପରେ ରୋଜଗାର ପାଇଁ ଦିନମଜୁରିଆ ଭାବେ ନିଜକୁ ନିୟୋଜିତ କରିଥିଲେ। ବାଲେଶ୍ୱର ସହରକୁ ପ୍ରତିଦିନ ଯାଇ ସେଠାରେ ମୂଲ ଲାଗୁଥିଲେ। ପରେ ଦୀର୍ଘଦିନ ହେଲା କଲିକତା ଯାଇ ଏକ ହୋଟେଲରେ ରହି ଜୀବିକା ଅର୍ଜନ କରୁଥିଲେ। ଏବେ ସେ ହୋଟେଲରେ ନାହିଁ କି ଘରେ ମଧ ପହଞ୍ଚିନାହିଁ। ଏ ନେଇ ମା'ବାପା କଲିକତାର ଦୁର୍ଗାପୁର ଓ ରୂପ୍‌ସା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ପକ୍ଷରୁ ମଧ ନିଖୋଜ ପୁଅର ସନ୍ଧାନ ଜାରି ରହିଛି। ଦେଢ଼ମାସ ବିତିଲାଣି। ମା'ବାପାଙ୍କ ଧୈର୍ଯ୍ୟର ସୀମା ଟପି ଗଲାଣି। ପୁଅର ଆସିବା ବାଟକୁ ଚାହିଁ ଘରେ କେବେ ଚୁଲି ଜଳୁଛି ତ କେବେ ଭୋକ ଉପାସରେ ଦିନ ବିତାଇବାକୁ ପଡୁଛି।



ପଡ଼ିଆରେ ଉଭୟ ଦଳର ଖେଳାଳି।

# ଜିଲା ଫୁଟ୍‌ବଲ ଲିଗ୍: କ୍ରୀଡ଼ା ଛାତ୍ରାବାସ ବିଜୟୀ

**ବାଲେଶ୍ୱର ଅଫିସ,୧।୮**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଗୁରୁବାର ଆୟୋଜିତ ଜିଲା ଫୁଟ୍‌ବଲ ଲିଗ୍ ଫକୀରମୋହନ କ୍ଲବ ଓ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫକୀରମୋହନ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି କ୍ରୀଡ଼ା ଛାତ୍ରାବାସ ବିଜୟୀ ହୋଇଛି। ଖେଳକୁ ଅଶୋକ କୁମାର ମାନ୍ନା, ପ୍ରଦୀପ କୁମାର ଦାସ, ଅଶୋକ କୁମାର କର, କାର୍ତ୍ତିକ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଶୁକ୍ରବାର ମ୍ୟାଚ୍ ଷ୍ଟାର କ୍ଲବ ଓ ବାଲେଶ୍ୱର ଫୁଟ୍‌ବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବୃକ୍ଷରୋପଣ

**ଜଳେଶ୍ୱର, ୧।୮**

ଜଳେଶ୍ୱର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ତେଘରୀସ୍ଥିତ ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୟର ୨୦ବର୍ଷ ପୂର୍ତ୍ତି ଉପଲକ୍ଷେ ଶହୀଦମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି।

ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର କର ଓ ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ନାଥ ଦତ୍ତ ଯୋଗଦେଇ ଚାରାରୋପଣ ମାଧ୍ୟମରେ ପ୍ରଦୂଷଣ ମୁକ୍ତ ପରିବେଶ ଗଠନ ସମ୍ଭବ ବୋଲି ସଚେତନ କରାଇଥିଲେ। ଏହାପରେ ସେଠାରେ ସଦସ୍ୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କମଳଲୋଚନ ପାଲ୍ ପରିଚାଳନା କରିଥିଲେ। ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ମାନସ କୁମାର ପାଠୀ, ଜିଲା ଯୁବମୋର୍ଚ୍ଚା ସଂଯୋଜକ ଫାଲଗୁନୀ ପାଣିଗ୍ରାହୀ, ସିଦ୍ଧେଶ୍ୱର ବେହେରା, ମିଡ଼ିଆ ସେଲର ମୁଖ୍ୟ ସୁବ୍ରତ ଘୋଷ, ଭାଜପା ନେତା ପ୍ରଣବ ପଣ୍ଡା, ସୁଖପଦ ସାମଲ, ସାହେବାଣୀ ବିନ୍ଧାଣୀ, ଦୀପକ ଓଝା, ସୈକତ ଦେ, କୌଶିକ ପଣ୍ଡା, ବାବାଜୀ ରାଉତ, ଦେବାଶିଷ ଘୋଷ, କାହ୍ନୁ ଦେ, ରତନ ଗିରି, ନୟନ କୁମାର ଜେନା, ସତ୍ୟ ରଞ୍ଜନ ବେହେରା, ଅକ୍ଷୟ ପାଣିଗ୍ରାହୀ, ସିଲୁ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବୃକ୍ଷରୋପଣ କରାଯାଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### କେନାଲରେ ବୁଡି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା
# ସ୍ୱାଭାବିକ ହେଲା ରଟିଣା ହାଇସ୍କୁଲ

**ଖଇରା, ୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣା ନୋଡାଲ ହାଇସ୍କୁଲର ୨ ଛାତ୍ରଙ୍କ ମୃତ୍ୟୁ ପରେ ୫ଦିନ ଧରି ବନ୍ଦ ରହିଥିବା ସ୍କୁଲରେ ସ୍ୱାଭାବିକ ପରିସ୍ଥିତି ଫେରିଛି। ଗୁରୁବାର ପୂର୍ବାହ୍ନରେ ଖଇରା ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ର ନିଜ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହ ବିଦ୍ୟାଳୟକୁ ଯାଇ ଗେଟ ତାଲା ଖୋଲିବା ସହ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ସୁବୋଧ କୁମାର ସାହୁଙ୍କୁ ଚାବି ହସ୍ତାନ୍ତର କରିଥିଲେ। ପରେ ପୂର୍ବଭଳି ପାଠ ପଢା ଆରମ୍ଭ କରିବାକୁ ଶିକ୍ଷାଧିକାରୀ ପାତ୍ର ପରିଚାଳନା କମିଟିର ସଭାପତି ବିଦ୍ୟାଧର ଶତପଥି, ସରପଞ୍ଚ ସତ୍ୟାନନ୍ଦ ଜେନା, ଚିନ୍ତାମଣି ଦାସ, ନିରଞ୍ଜନ ମହାପାତ୍ରଙ୍କ ସମେତ କମିଟିର ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାରଠାରୁ ପୂର୍ବଭଳି ପାଠପଢା, ମଧ୍ୟାହ୍ନଭୋଜନ ପ୍ରସ୍ତୁତି କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ବିଦ୍ୟାଳୟରେ ପୂର୍ବରୁ କାର୍ଯ୍ୟରତ ଖେଳଶିକ୍ଷକ ଉମାକାନ୍ତ ସାହୁଙ୍କୁ ବଦଳି କରିବା ବଦଳରେ ନିଲମ୍ବନ କରାଯିବା ଘଟଣାରେ କମିଟି ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ।




ବିଦ୍ୟାଳୟ ପରିସରରେ କମିଟି ସଭ୍ୟଙ୍କ ସହ ବିଇଓଙ୍କ ଆଲୋଚନା।

**ସଂକ୍ଷେପରେ**

## ପଞ୍ଚାୟତ ବିକାଶ ନେଇ ପ୍ରଶିକ୍ଷଣ

ବନ୍ତ, ୧।୮ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଷେଣ୍ଡତୀରା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗୁରୁବାର ଲିଙ୍ଗଗତ ସମ୍ବେଦନଶୀଳତା ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜୟନ୍ତୀ ପାଠାଗାର ଓ ଡିଆର୍‌ଡିଏ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଷେଣ୍ଡତୀରା, ଗୋବିନ୍ଦପୁର, ନିଳୋକ ଓ ପଧାନପଡା ପଞ୍ଚାୟତରୁ ୧୦ ଜଣ ଲେଖାଏ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ପଞ୍ଚାୟତର ସବୁବର୍ଗର ଲୋକଙ୍କ ସହଭାଗିତାରେ ସର୍ବାଙ୍ଗୀନ ଉନ୍ନତି କିପରି ହୋଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଓ ଅନନ୍ତ ଗୋପାଳ ଦାସ ତାଲିମ ପ୍ରଦାନ କରିଥିଲେ। ଷେଣ୍ଡତୀରା ସରପଞ୍ଚ ପ୍ରେମଲତା ପ୍ରଧାନ, ପିଇଓ ଅଶୋକ କୁମାର ସ୍ୱାଇଁ, ଜିଆର୍‌ଏସ୍ ପ୍ରଦୀପ ବିଶ୍ୱାଳ, ପଧାନପଡା ସରପଞ୍ଚ ସେକ୍ ମୁସ୍ତାକ୍ ଅଲ୍ଲୀ ଖାଁ, ନିଳୋକ ସରପଞ୍ଚ ଅଶୋକ ମହାନ୍ତି, ଗୋବିନ୍ଦପୁର ସରପଞ୍ଚ ତିଳୋତ୍ତମା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ଜୟନ୍ତୀ ପାଠାଗାର ସଭାପତି ସତ୍ୟସୁନ୍ଦର ସାହୁ ଓ ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ରାଉତ ସହଯୋଗ କରିଥିଲେ।

## ପରାମର୍ଶ ଶିବିରରେ ୩୦୫ ନିଯୁକ୍ତି ଆଶାୟୀ

ଭଦ୍ରକ ଅଫିସ, ୧।୮: ସଂସ୍କୃତି ଭବନ ପରିସରରେ ଓଡ଼ିଶା ଜୀବିକା ମିଶନ ଭଦ୍ରକ ବ୍ଲକ ପକ୍ଷରୁ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ତାଲିମଭିତ୍ତିକ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୩୦୫ ବେରୋଜଗାର ଯୁବତୀ ଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୪୫ ଜଣଙ୍କୁ ସରକାରଙ୍କ ପକ୍ଷରୁ ନିୟୋଜିତ ୧୦ଟି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥା(ପିଆଇଏ) ଦ୍ୱାରା ପଞ୍ଜୀକୃତ କରାଯାଇଥିଲା। ବିଭିନ୍ନ ଧନ୍ଦାମୂଳକ ତାଲିମ ନେବା ପରେ ସଫଳ ହୋଇଥିବା ଯୁବତୀ ଯୁବକଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥାରେ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବେକାର ଯୁବତୀ ଯୁବକ ସରକାରଙ୍କ ଏଭଳି ଯୋଜନାରେ ନିଯୁକ୍ତି ପାଉଥିବା ସମ୍ପର୍କରେ ବିଧାୟକ ମଲ୍ଲିକ କହିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିର ସମ୍ପର୍କିତ ସଭାରେ ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ରଘୁନାଥ ଧଳ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜ୍ୟୋତ୍ସ୍ନାମଞ୍ଜରୀ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡିପିଏମ୍ ସଞ୍ଜୟ ବାରିକ ଏହି ଯୋଜନା ଉପରେ ସୂଚନା ଦେଇଥିଲେ। ବିପିଏମ୍ ବୀଣାପାଣି ପଣ୍ଡା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟ ନଳକୂପକୁ ଭାଙ୍ଗିଲେ ଦୁର୍ବୃତ୍ତ



ବନ୍ତ, ୧।୮(ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଶିକ୍ଷା ସର୍କଲ ଅଧୀନ କଳାପାହାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନଳକୂପକୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଗୁରୁବାର ବିଦ୍ୟାଳୟ ଖୋଲାଯିବା ପରେ ଉକ୍ତ ନଳକୂପଟି ଭାଙ୍ଗି ତଳେ ପଡ଼ିଥିବାବେଳେ ସେଠାରେ ଲାଗିଥିବା ପାଣିଟାଙ୍କି ଟ୍ୟାପ୍ ଓ ପାଇପ୍ ମଧ ଭଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ବନ୍ଦ ପରେ ପାଚେରି ଡେଇଁ କେତେକ ଅସାମାଜିକ ଯୁବକ ଏପରି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ନଳକୂପ ଭାଙ୍ଗିଯାଇଥିବାରୁ ଛାତ୍ରୀଛାତ୍ର ପାଣି ପିଇବା ଲାଗି ହଇରାଣ ହୋଇଥିବା ବେଳେ ମଧାହ୍ନଭୋଜନ ରୋଷେଇ ପାଇଁ ଦୂରରେ ଥିବା ନଳକୂପରୁ ପାଣି ବୋହିବାକୁ ପଡ଼ିଥିଲା। ଏ ନେଇ ପ୍ରଧାନଶିକ୍ଷକ ପରିଚାଳନା କମିଟି ଡକାଇ ଥାନାରେ ଅଭିଯୋଗ କରିବାକୁ ସ୍ଥିର କରିଥିଲେ ମଧ ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଅଧିକାଂଶ ସମୟରେ ରାତିରେ ପାଚେରି ଡେଇଁ କେତେକ ଅସାମାଜିକ ଯୁବକ ବିଦ୍ୟାଳୟ ବାରଣ୍ଡାରେ ଆଡ୍ଡା ଜମାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଭିତରକନିକା ଯିବା ପାଇଁ ଚାନ୍ଦବାଲିରୁ ଏଣ୍ଟ୍ରି ପାସ୍ ଆରମ୍ଭ

ଚାନ୍ଦବାଲି, ୧।୮(ଡି.ଏନ୍.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶପଥ ଭାବେ ଚାନ୍ଦବାଲି ପରିଚିତ। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନେ ମୁଖ୍ୟତଃ ଚାନ୍ଦବାଲିରୁ ଘରୋଇ ବୋଟ୍ ସହାୟତାରେ ଜଳପଥରେ ଯାତ୍ରା କରିଥାନ୍ତି। ଦୁଇମାସ ବନ୍ଦ ରହିବା ପରେ ଗୁରୁବାର ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ଖୋଲା ହୋଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୨୦୧୯-୨୦ ବର୍ଷ ପାଇଁ ଚାନ୍ଦବାଲିରୁ ଭିତରକନିକାକୁ ପର୍ଯ୍ୟଟକଙ୍କ ଯିବାର ସୁବିଧା ଲାଗି ଚାନ୍ଦବାଲି ବନଖଣ୍ଡ ବନ୍ୟପ୍ରଣୀ ବିଭାଗ ପକ୍ଷରୁ ଗୁରୁବାର ଆରମ୍ଭ ହୋଇଛି ଏଣ୍ଟ୍ରି ପାସ୍ ବ୍ୟବସ୍ଥା। ଭଦ୍ରକ ଡିଏଫ୍‌ଓ ଅମ୍ଳାନ କୁମାର ନାୟକ ସବୁଜ ପତାକା ଦେଖାଇ ବୈତରଣୀ ନଦୀର ଚାନ୍ଦବାଲି ଫରେଷ୍ଟ ଜେଟିରୁ ପର୍ଯ୍ୟଟକଙ୍କ ବୋଟ୍‌ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଚାନ୍ଦବାଲି ବନ୍ୟପ୍ରାଣୀ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ, ଦୀର୍ଘବର୍ଷ ହେଲା ଭିତରକନିକା ଯିବା ପାଇଁ ଚାନ୍ଦବାଲିରୁ ପର୍ଯ୍ୟଟକ ଓ ସେମାନଙ୍କ ବୋଟ୍‌କୁ ଏଣ୍ଟ୍ରି ପାସ୍ ପ୍ରଦାନ କରାଯାଉଥିଲା। ମାତ୍ର ୨୦୦୩ରୁ ଏହାକୁ ବନ୍ଦ କରି ଦିଆଯାଇଥିଲା। ଜାତୀୟ ଉଦ୍ୟାନ ନିକଟସ୍ଥ କେନ୍ଦ୍ରାପଡ଼ା ଜିଲାର ଖୋଲାଠାରେ ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ପାସ୍ ମିଳୁଥିଲା। ଏଥିରେ ପର୍ଯ୍ୟଟକଙ୍କୁ ଅସୁବିଧା ହେଉଥିଲା । ଚାନ୍ଦବାଲିରେ ପୁନଃ ଏଣ୍ଟ୍ରି ପାସ୍ ବ୍ୟବସ୍ଥା ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଆସୁଥିଲା। ସରକାରଙ୍କ ପକ୍ଷରୁ ୨୦୧୮ ମସିହାରେ ଏହି ସେବା ପୁନଃ ଚାଲୁ ହେଲା। ଗତବର୍ଷ ଭିତରକନିକାକୁ ଯାଇଥିବା ୭ ହଜାର ୬ ଶହରୁ ଅଧିକ ପର୍ଯ୍ୟଟକଙ୍କୁ ଏଠାରୁ ଏଣ୍ଟ୍ରି ପାସ୍ ପ୍ରଦାନ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଚଳିତବର୍ଷ ଏହାର ସଂଖ୍ୟା ଯଥେଷ୍ଟ ବୃଦ୍ଧି ହେବ ବୋଲି ଡିଏଫ୍‌ଓ ନାୟକ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଦୁର୍ଗାପୂଜା ପରେ ଶୀତ ଆଗମନରେ ଏଠାରେ ରାଜ୍ୟ ଓ ରାଜ୍ୟ ବାହାରର ବଙ୍ଗୀୟ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲା। ଭିତରକନିକାକୁ ଯିବା ଲାଗି ପର୍ଯ୍ୟଟକଙ୍କ ପାଇଁ ଘରୋଇ ବୋଟ୍ ସେବା ଉପଲବ୍ଧ। ଫାଇଲିନ୍, ହୁଡ୍‌ହୁଡ୍ ଭଳି ସାମୁଦ୍ରିକ ଝଡ଼ ସାଙ୍ଗକୁ ନିର୍ମାଣାଧୀନ ଭଦ୍ରକ-ଚାନ୍ଦବାଲି ରାସ୍ତା ଗତ କିଛିବର୍ଷ ହେବ ଚାନ୍ଦବାଲିର ପର୍ଯ୍ୟଟନକୁ ବହୁଳ ଭାବେ ପ୍ରଭାବିତ କରିଛି। ପର୍ଯ୍ୟଟନ ଋତୁରେ ଚାନ୍ଦବାଲିରୁ ଦୈନିକ ୧୦ରୁ ୧୨ଟି ବୋଟ୍‌ରେ ପର୍ଯ୍ୟଟକ ଭିତରକନିକା ଯାଉଥିବା ବେଳେ ଏହା କମି ଦୈନିକ ୪ରୁ ୫ଟି ବୋଟ୍‌ରେ ପହଞ୍ଚିଥିଲା ବୋଲି କେତେକ ଟୁର୍ ଅପରେଟର ସୂଚନା ଦେଇଛନ୍ତି। ଭଦ୍ରକ-ଚାନ୍ଦବାଲି ରାସ୍ତା ନିର୍ମାଣ ଶେଷ ହୋଇଛି ଓ ପାଗ ଭଲ ରହିଲେ ପୁଣି ପର୍ଯ୍ୟଟକଙ୍କ ଭିଡ଼ ରହିବ ବୋଲି ଚାନ୍ଦବାଲିର ଟୁର୍ ଅପରେଟର ସୁରଜିତ୍ ପାଣି କହିଛନ୍ତି।



ଏଣ୍ଟ୍ରିପାସ୍‌ର ଶୁଭାରମ୍ଭ କରାଯାଉଛି।



ଚାନ୍ଦବାଲି ଫରେଷ୍ଟ ଜେଟି

## 'ବୃକ୍ଷରୋପଣ ମାଧ୍ୟମରେ ଜଳଚକ୍ରର ଭାରସାମ୍ୟ ସମ୍ଭବ'



ବୃକ୍ଷରୋପଣ ଅବସରରେ ଛାତ୍ରୀଛାତ୍ର ଓ ଅତିଥି।

ଭଣ୍ଡାରିପୋଖରୀ, ୧।୮ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀସ୍ଥିତ ଶୁକଦେବ ଜେନା ଉଚ୍ଚ ବିଦ୍ୟାଳୟଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗିରୀଶ ବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଡା. ରାଜକିଶୋର ପଣ୍ଡା ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ସିଡିଏମ୍‌ଓ କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଡା. ସୁଧୀର ଚନ୍ଦ୍ର ଜେନା, ଯୋଗଗୁରୁ ଗୋପୀନାଥ ସେଠୀ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ସରପଞ୍ଚ ରଞ୍ଜୁଲତା ସେଠୀ, ଶଶିକାନ୍ତ ମିଶ୍ର, ଅର୍ଜୁନ ସାହୁ, ଅକ୍ଷୟ ତ୍ରିପାଠୀ, ଗଗନ ବିହାରୀ ସେଠୀ, ବସନ୍ତ ତ୍ରିପାଠୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ, ପୃଥିବୀର ଅହେତୁକ ତାପମାତ୍ରା ବୃଦ୍ଧି, କମ୍ ବୃଷ୍ଟିପାତର ଆଜିର ସଫଳ ମହୋଷଧି ହେଉଛି ବୃକ୍ଷରୋପଣ। ବୃକ୍ଷରୋପଣ ମାଧ୍ୟମରେ ବୃଷ୍ଟିପାତ ନିୟନ୍ତ୍ରଣ ସହ ଜଳଚକ୍ରର ଭାରସାମ୍ୟ ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ୫୦ ବର୍ଷ ମଧ୍ୟରେ ଏଭଳି ପ୍ରଦୂଷଣ ଜାରି ରହିଲେ ଲୋକଙ୍କ ଆୟୁ ୪୦ ବର୍ଷ ମଧ୍ୟରେ ସୀମିତ ରହିବ। ଅଳ୍ପ ବୟସରେ ବୃଦ୍ଧ ହୋଇଯିବା ଓ ଫୁସ୍‌ଫୁସ୍‌ରେ ଅମ୍ଳଜାନ ଧାରଣ କ୍ଷମତା କମିବା ମାନବ ସମାଜ ପାଇଁ ଏକ ସତର୍କ ଘଣ୍ଟି ବୋଲି ସେମାନେ କହିଥିଲେ। ରବୀନ୍ଦ୍ର କୁମାର ମହାରଣା ଅତିଥି ପରିଚୟ ପ୍ରଦାନ ଓ ରମେଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସବୁଜ ବାହିନୀ ପକ୍ଷରୁ ବୃକ୍ଷରୋପଣ ସଚେତନତା ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟ ପଡ଼ିଆ ଓ ପରମାନନ୍ଦପୁର ଗ୍ରାମରେ ବୃକ୍ଷରୋପଣ କରାଯାଇଥିଲା।

## ରାସ୍ତାରୁ ଗର୍ଭବତୀ ନାବାଳିକା ଉଦ୍ଧାର

ଭଦ୍ରକ ଅଫିସ, ୧।୮

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ କାଦବରାଙ୍ଗ ଛକ ନିକଟରୁ ଗୁରୁବାର ଜଣେ ନାବାଳିକାଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଛି। ନାବାଳିକା ଜଣଙ୍କ ଏକାକୀ ଚାଲି ଚାଲି ଯାଉଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଫେଲୋସିପ୍ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟା ସୁନାମଣି ପଣ୍ଡାଙ୍କୁ ଜଣାଇଥିଲେ। ସେ ତାଙ୍କୁ ଉଦ୍ଧାର କରିବା ପରେ ନିଜ ହେପାଜତରେ ରଖିଥିଲେ। ନାବାଳିକାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରୁ ସେ ଗର୍ଭବତୀ ଥିବା ଜଣାପଡ଼ିବା ପରେ ସୁନାମଣି ତାଙ୍କୁ ଭଣ୍ଡାରିପୋଖରୀ ଥାନାକୁ ନେଇ ଘଟଣା ସମ୍ପର୍କରେ ଜଣାଇଛନ୍ତି। ଭଣ୍ଡାରିପୋଖରୀ ଥାନାଧିକାରୀ ସୁକାନ୍ତି କେରେଇ ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ନାବାଳିକା କେନ୍ଦୁଝର ଜିଲାର ବୋଲି ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ସୁଦ୍ଧା ନାବାଳିକା ସୁନାମଣିଙ୍କ ହେପାଜତରେ ରହିଛନ୍ତି। ଶୁକ୍ରବାର ଏ ନେଇ ବିଧିବଦ୍ଧ ଭାବେ ଏତଲା ଦିଆଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଭଣ୍ଡାରିପୋଖରୀ ପୋଲିସ କହିଛି। ନାବାଳିକା ଜଣଙ୍କ ଆଗରପଡ଼ା ଅଞ୍ଚଳରେ ଜଣେ ସମ୍ପର୍କୀୟଙ୍କ ଘରେ ରହିଆସୁଥିଲେ। ସେଠାରେ ଗାଁ ଲୋକ ନାବାଳିକା ଗର୍ଭବତୀ ଥିବା ଜାଣିବା ପରେ ତାଙ୍କୁ ରହିବାକୁ ଦେଇ ନ ଥିଲେ। ଫଳରେ ସେ ସେଠାରୁ ପଳାଇ ଆସିଥିଲେ।

## ବ୍ୟବସାୟୀଙ୍କଠାରୁ ୪୫ ହଜାର ଲୁଟ୍

ତିହିଡ଼ି, ୧।୮ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଫତେପୁର ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମର ଭାଗ୍ୟଧର ନାୟକ ନାମକ ଜଣେ ବ୍ୟବସାୟୀଙ୍କଠାରୁ ଗୁରୁବାର ଅପରାହ୍ଣରେ ୪୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଭାଗ୍ୟଧର ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଟଙ୍କା ଉଠାଇ ସାଇକେଲରେ ଘରକୁ ଫେରୁଥିଲେ। ତିହିଡ଼ି କଲେଜ ଛକ ନିକଟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ତାଙ୍କ ସାଇକେଲରେ ଝୁଲୁଥିବା ଟଙ୍କା ବ୍ୟାଗ୍ ନେଇ ସେମାନେ ଦ୍ରୁତଗତିରେ ଭଦ୍ରକ ଆଡ଼କୁ ପଳାଇଯାଇଥିଲେ। ଭାଗ୍ୟଧର ସନ୍ଧ୍ୟାରେ ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସେଲ୍ଫି କର୍ଣ୍ଣର



ଲିଟୁନ୍



ରମେଶ



ସୁବ୍ରତ



ରାକେଶ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଘରୋଇ ବିବାଦ ତୁଟାଇଲା ନାରୀ ସୁରକ୍ଷା ମଞ୍ଚ

ଭଣ୍ଡାରିପୋଖରୀ, ୧।୮ (ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ନାରୀ ସୁରକ୍ଷା ମଞ୍ଚର ହସ୍ତକ୍ଷେପ ପରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ଗ୍ରାମରେ ଏକ ପାରିବାରିକ ବିବାଦର ଆପୋଷ ସମାଧାନ ହୋଇଛି। ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କ ତିନି ପୁଅଙ୍କ ମଧ୍ୟରେ ଘରବାଡ଼ି ଓ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ସ୍ଥାନୀୟ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରି ମଧ୍ୟ ଏହାର ସମାଧାନ ହୋଇପାରୁ ନ ଥିଲା। ଭୁବନେଶ୍ୱରରେ ରହୁଥିବା ଏହି ବ୍ୟକ୍ତିଙ୍କ ବୋହୂ ଦିନେ ଘରକୁ ଆସିଥିଲେ ମଧ ତାଙ୍କ ଘରୁ ଚାବି ଖୋଲାଯାଇ ନ ଥିଲା। ଏ ନେଇ ସେ ଭଣ୍ଡାରିପୋଖରୀ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ସେ ନାରୀ ସୁରକ୍ଷା ମଞ୍ଚର ସହାୟତା ଲୋଡ଼ି ବୁଧବାର ମାଳଦା ଗ୍ରାମରେ ପହଞ୍ଚିଥିଲେ। ନାରୀ ସୁରକ୍ଷା ମଞ୍ଚର ସଭାନେତ୍ରୀ ସସ୍ମିତା ସାହୁ, ସମ୍ପାଦିକା ସ୍ୱୟଂପ୍ରଭା ସାହୁ, ସଦସ୍ୟା ରାଜଲକ୍ଷ୍ମୀ ପାତ୍ର, ମୁସ୍ତରୀ ଖାତୁନ୍, ଶ୍ରୀମୟୀ ରାଉତ, ମାଳଦା ସରପଞ୍ଚ ରୀତାଞ୍ଜଳି ସାମଲ ଓ ସାମାଜିକ କର୍ମୀ ପ୍ରତ୍ୟୁଷ ସାମଲଙ୍କ ସହଯୋଗରେ ବିବାଦର ସମାଧାନ ହୋଇଥିଲା।



ମାଳଦା ଗ୍ରାମରେ ନାରୀ ସୁରକ୍ଷା ମଞ୍ଚ ସଦସ୍ୟ।

# ପାଣିରେ ବୁଡ଼ିଛି ୩ ଶହ ଏକର ଚାଷଜମି

ତିହିଡ଼ି, ୧।୮ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ କୁବେରା ପଞ୍ଚାୟତର ୩ଟି ମୌଜାରେ ୩ ଶହ ଏକର ଚାଷଜମି ପାଣିରେ ବୁଡ଼ି ରହିଛି। ଏଥିଯୋଗୁ ଧାନ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଗୋପାଳିଆ କେନାଲ ସଂସ୍କାର ହୋଇ ନ ଥିବାରୁ ଏ ପ୍ରକାର ସମସ୍ୟା ଉପୁଜିଛି। ଇଟାଗଡ଼ି ଗ୍ରାମବାସୀ ଗୁରୁବାର ଏ ସମ୍ପର୍କରେ ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଛନ୍ତି। ଚାଷଜମିରୁ ଜଳ ନିଷ୍କାସନ ପାଇଁ କେନାଲ ସଂସ୍କାର କରିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି।

ପ୍ରକାଶ ଯେ, ଇଶାଣପୁରଠାରୁ କଷଟି ପର୍ଯ୍ୟନ୍ତ ଏକ ଢଳେଇ ରାସ୍ତା ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ଏଥିଯୋଗୁ ଇଟାଗଡ଼ି, କଷଟି ଓ ଦେଉଳା ମୌଜାର ୩ ଶହ ଏକର ଚାଷଜମି ପାଣିରେ ବୁଡ଼ି ରହିଛି। ପୂର୍ବରୁ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ କେନାଲ ଆଡ଼ିରେ ଏକ ବନ୍ଧ ନିର୍ମାଣ କରାଯାଇଥିଲା। ଉପରମୁଣ୍ଡରୁ ପାଣି ଛାଡ଼ିବା ଦ୍ୱାରା ଜଳ ନିଷ୍କାସନ ହୋଇ ନ ପାରି ବନ୍ଧଟି ଭାଙ୍ଗିଯାଇଥିଲା। କେନାଲ ବନ୍ଧ ହୋଇଥିବା ସ୍ଥାନର ଉତ୍ତରପାର୍ଶ୍ୱରେ ଥିବା କଲଭର୍ଟକୁ କେତେକ ଲୋକ ଢଳେଇ ପକାଇ ବନ୍ଦ କରିଦେଇଥିବାରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ଗାଁ ଲୋକେ ଦର୍ଶାଇଛନ୍ତି। ଏହାଛଡ଼ା ଦୀର୍ଘଦିନ ଧରି କେନାଲ ସଂସ୍କାର ହୋଇ ନ ଥିବାରୁ ଏ ପ୍ରକାର ସମସ୍ୟା ସୃଷ୍ଟି ହୋଇଥିବା ଇଟାଗଡ଼ି ଗ୍ରାମର ଗଣେଶ ପ୍ରସାଦ ରାଉତ, କମଳାକାନ୍ତ ସେଠୀ, ସରୋଜ ଖୁଣ୍ଟିଆ, ଅଭିରାମ ସେଠୀ, ବସନ୍ତ କୁମାର ସେଠୀ, ଅକ୍ଷୟ ବେହେରା, କୈଳାସ ଚନ୍ଦ୍ର ସେଠୀ ଓ ସନ୍ତୋଷ କୁମାର ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି।



ପାଣିରେ ବୁଡ଼ି ରହିଥିବା ଚାଷଜମିରେ ଚାଷୀମାନେ ଠିଆ ହୋଇଛନ୍ତି।

- ସଂସ୍କାର ହେଉନି ଗୋପାଳିଆ କେନାଲ
- ଧାନ ଚାଷ କାର୍ଯ୍ୟ ବାଧାପ୍ରାପ୍ତ
- ଜଳ ନିଷ୍କାସନ ପାଇଁ ଗ୍ରାମବାସୀଙ୍କ ଦାବି

# ଆବଶ୍ୟକତାଠାରୁ କମ୍ ବର୍ଷା

■ ଖରିଫ ଚାଷ କ୍ଷତିଗ୍ରସ୍ତ
■ ଚିନ୍ତାରେ ଚାଷୀ

ଝୁମ୍ପୁରା, ୧।୮ (ଡି.ଏନ.ଏ.)

ଆବଶ୍ୟକତାଠାରୁ ବର୍ଷାର ପରିମାଣ ଖୁବ କମ ରହିଥିବାରୁ ଝୁମ୍ପୁରା ବ୍ଲକରେ ଖରିଫ ଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତରେ ପ୍ରାୟତଃ ସବୁ ଜାଗାରେ ଖରିଫ ଋତୁର ଧାନ ଫସଲ ସହିତ ମକା, ଅନ୍ୟ ଫସଲ କରାଯାଇଥାଏ। ପାଣି ଅଭାବରୁ ବେଉଷଣ କାମ ଅଟକି ଯାଇଛି। କୃଷି ବିଭାଗର ସୂଚନା ଅନୁଯାୟୀ ଝୁମ୍ପୁରା ବ୍ଲକରେ ୧୮ହଜାର ୫ଶହ ୫୫ ହେକ୍ଟର ଜମିରେ ଖରିଫ ଋତୁରେ ଧାନ ଚାଷ କରାଯାଉଥିବା ବେଳେ, ମକା ସହିତ ଅନ୍ୟ ଫସଲ ୭ହଜାର ୪ଶହ ୯୧ ହେକ୍ଟରରେ କରାଯାଇଥାଏ। ଖରିଫ ଋତୁରେ ଧାନ ଚାଷ ସହିତ ଅନ୍ୟ ଫସଲ ହେଉଥିବା ମୋଟ ଜମିର ଶତକଡା ୯ଭାଗ ଜମି ଜଳସେଚିତ ଅଟେ। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ, ଚେକ ଡ୍ୟାମ, ପୋଖରୀ ଇତ୍ୟାଦିରୁ ଖରିଫ ଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇଥାଏ।

କିନ୍ତୁ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନ ଥିବା ବେଳେ, ବର୍ଷାର ଅନିୟମିତତା ଯୋଗୁଁ ଚାଷୀମାନେ ଚଳିତ ବର୍ଷ ୭ ହଜାର ୪ଶହ ୯୧ ହେକ୍ଟର ଜମିରେ ଧାନ ଫସଲ କରିଥିବାବେଳେ, ୪ହଜାର ୩ଶହ ୮୦ହେକ୍ଟର ଜମିରେ ମକା ଚାଷ ସହିତ ଅନ୍ୟାନ୍ୟ ଫସଲ ହୋଇଛି ବୋଲି ଝୁମ୍ପୁରା କୃଷି ଅଧିକାରୀ ଅଙ୍କିତା ରୁପ୍ ସୂଚନା ଦେଇଛନ୍ତି। ହେଲେ ବର୍ଷାର ଅନିୟମିତତା ଯୋଗୁଁ ଚଳିତ ବର୍ଷ ଖରିଫ ଚାଷ ହୋଇଥିବା ଜମି ସବୁରେ ବେଉଷଣ କାର୍ଯ୍ୟ ହୋଇ ପାରୁନାହିଁ। ସୂଚନା ଅନୁଯାୟୀ ଝୁମ୍ପୁରା ବ୍ଲକରେ ବିଗତ ବର୍ଷ ମାନଙ୍କରେ ବର୍ଷାର ପରିମାଣ ହିସାବକୁ ନିଆଗଲେ, ୩୧୮ଏମ.ଏମ ବର୍ଷା ହୋଇଥିବା ବେଳେ, ଚଳିତ ବର୍ଷ ଜୁଲାଇ ୩୧ତାରିଖ ସୁଦ୍ଧା ମାତ୍ର ୧୩୮ଏମ.ଏମ ବର୍ଷା ହୋଇଛି। ଝୁମ୍ପୁରା ବ୍ଲକର ୨୨ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ବସନ୍ତପୁର, ମଲଦା, ନୟାଗଡ, ନହବେଡା, କୁଟୁଗାଁ, ଗୁମୁରା, ନିଶ୍ଚିନ୍ତପୁର, ଅର୍ଶଳା, ଗୁଣ୍ଡୁଣିଆଁ, ଚଉଠିଆ ଗ୍ରାମ ପଞ୍ଚାୟତ ଗୁଡିକରେ ଖରିଫ ଚାଷ ବିଶେଷ ପ୍ରଭାବିତ ହୋଇଥିବା ରିପୋର୍ଟ ସହିତ ବର୍ଷା ପରିମାଣର ରିପୋର୍ଟ ଭୁବନେଶ୍ୱର ସ୍ଥିତ କୃଷି ବିଭାଗ ନିର୍ଦ୍ଦେଶକଙ୍କୁ ପଠାଯାଇଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ମକା ଚାଷରେ ପୋକର ପାଦୁର୍ଭାବ ଯୋଗୁଁ ମକା ଚାଷୀ କ୍ଷତିଗ୍ରସ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ମକା ଗଛ ଗୁଡିକରେ ପୋକ ଲାଗିଥିବା ମକା ଗଛକୁ ଚାଷୀମାନେ ଝୁମ୍ପୁରାସ୍ଥିତ କୃଷି ଅଧିକାରୀ, କୃଷି କର୍ମଚାରୀଙ୍କୁ ଦେଖାଇଛନ୍ତି। ଚଳିତ ବର୍ଷ ଝୁମ୍ପୁରା ବ୍ଲକରେ ୭୪୩ ହେକ୍ଟର ଜମିରେ ମକା ଚାଷ କରାଯାଇଥିବା ନେଇ କୃଷି ବିଭାଗ ସୂଚନା ଦେଇଛି। ମକା ଚାଷ ପୋକ ନିରାକରଣ ପାଇଁ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ମକା ଚାଷୀଙ୍କୁ କାର୍ଟାପ୍ ହାଇଡ୍ରୋ କ୍ଲୋରାଇଡ୍ , ଇମାନେକ୍ଟିନ୍ ବେଞ୍ଜୋଟେ କୀଟନାଶକ ଔଷଧ ଯୋଗାଇ ଦିଆଯାଉଛି ବୋଲି ଝୁମ୍ପୁରା କୃଷି ଅଧିକାରୀ ଅଙ୍କିତ ସୂଚନା ଦେଇଛନ୍ତି। ତେବେ ବର୍ଷା ଠିକ ଭାବେ ନ ହେଲେ ଏବଂ ମକା ଚାଷରୁ ପୋକ ହଟାଇବା ପାଇଁ ଔଷଧ ଶୀଘ୍ର ପ୍ରୟୋଗ ନ ହେଲେ ଚଳିତ ଖରିଫ ଋତୁରେ ଧାନ ଏବଂ ମକା ସହିତ ଅନ୍ୟାନ୍ୟ ଫସଲ ପ୍ରଭାବିତ ହେବ ବୋଲି ଚାଷୀ ସମୂହ ଚିନ୍ତାରେ ରହିଛନ୍ତି।


ବେଉଷଣ ହୋଇ ନ ଥିବା ଚାଷ ଜମି ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଡ୍ରାଇଭର ମୃତ

**ଚମ୍ପୁଆ, ୧।୮ (ଡି.ଏନ.ଏ.):** ଗତ ବୁଧବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ନେଇ ଚମ୍ପୁଆ ଥାନା ପକ୍ଷରୁ ପ୍ରକାଶ। ମୃତକ ଜଣକ କେନ୍ଦ୍ରାପଡା ଜିଲାର ଜଜାଙ୍ଗ ଅଞ୍ଚଳର କୁନା ମଲିକ ବୋଲି ଜଣାଯାଇଛି। ଖବର ଅନୁସାରେ, କୁନା ଜଣେ ଟ୍ରକ୍ ଡ୍ରାଇଭର ଭାବେ କେନ୍ଦ୍ରାପଡା ଅଞ୍ଚଳର ଗାଡି (ନଂ.ଓଆର ୨୯୬୨୯୫) ନେଇ ଯୋଡ଼ା ଅଞ୍ଚଳକୁ ଲୋଡିଂ ପାଇଁ ଯାଉଥିବାବେଳେ ନାରଦପୁରଠାରେ ଟ୍ରକ୍ର ଟାୟାର ଖୋଲୁଥିବା ବେଳେ ଅନ୍ୟ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ପୋଲିସ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପରେ ଜିଲା ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଦୁର୍ଘଟଣା ଘଟାଇ ଗାଡିଟି ଫେରାର ହୋଇଯାଇଥିବା ବେଳେ ପୋଲିସ ତଦନ୍ତ ଚଳାଇଥିବା ଜଣାଯାଇଛି।

### ଡାକ୍ତରଖାନା ସମସ୍ୟାକୁ ନେଇ ଅଧିକାରୀଙ୍କ ସହ ଆଲୋଚନା

ଚମ୍ପୁଆ, ୧।୮ (ଡି.ଏନ.ଏ.)-ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଅବ୍ୟବସ୍ଥାକୁ ନେଇ ଚମ୍ପୁଆ ବିକାଶ ପରିଷଦ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ କର୍ଣ୍ଣରାମ ମହାନ୍ତଙ୍କ ସହ ଆଲୋଚନା କରିବା ସହିତ ଏଥିପ୍ରତି ଧ୍ୟାନ ଦେବାକୁ ତାଗିଦ କରାଯାଇଛି। ୧୯୧୦ ମସିହାରୁ ନିର୍ମିତ ଏହି ଚିକିତ୍ସାଳୟ ବର୍ତ୍ତମାନ ପ୍ରଶାସନର ଅବହେଳା ପାଇଁ ବିଭିନ୍ନ ସମସ୍ୟାଘେରରେ ରହିଥିବା ବିକାଶ ପରିଷଦ ଅଭିଯୋଗ କରିଛି। ସେବା ନାମରେ ବିଭିନ୍ନ ଅବ୍ୟବସ୍ଥା ହେଉଥିବାରୁ ବିକାଶ ପରିଷଦର ସଦସ୍ୟମାନେ ଅଭିଯୋଗ କରିଥିଲେ। ଏବଂ ଏପରି ଆଗକୁ ନ ହେବା ପାଇଁ ମଧ୍ୟ ଆଲୋଚନା କରିଥିଲେ। ଏନେଇ ବିକାଶ ପରିଷଦର ସଭାପତି ଧନୁର୍ଜୟ ଲାଗୁରୀଙ୍କ ସହ ସତ୍ୟବାନ କର, ସାନ୍ତନୁ ଦାସ, ତପନ ମିଶ୍ର, ସୁବାସ ରାମ, ସତ୍ୟବ୍ରତ ବେହେରା, ଭୋଳାନାଥ ସେଠି, ଏମ,ଡି ମୁନିଙ୍କ ସହ ବହୁ ସଦସ୍ୟ ଯୋଗ ଦେଇଥିଲେ।

### ଆନ୍ତଃ ବ୍ୟକ୍ତିଗତ ଯୋଗାଯୋଗ କୌଶଳ ତାଲିମ

**ଚମ୍ପୁଆ, ୧।୮ (ଡି.ଏନ.ଏ.):** ଟିକାକରଣ କାର୍ଯ୍ୟକ୍ରମ ଅନୁଯାୟୀ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆନ୍ତଃ ବ୍ୟକ୍ତିଗତ ଯୋଗାଯୋଗ କୌଶଳ ବୃଦ୍ଧି ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିପିଏମ ରଞ୍ଜିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ପିଏଚଇଓ ସଞ୍ଜୁ ରାଣୀ ପଣ୍ଡା ଟିକା କରଣରେ ବ୍ୟକ୍ତିଗତ ଯୋଗାଯୋଗ ମାଧ୍ୟମରେ ପରିଚୟ, ଆନ୍ତରିକତା ଓ ବ୍ୟବହାର ଦ୍ୱାରା ତଳସ୍ତରରୁ କୌଶଳ ବୃଦ୍ଧି କରି ଭଲ କାମ କରାଯାଇପାରିବ ବୋଲି ମତ ରଖିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ କାଳିକାପ୍ରସାଦ ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଯୋଗ ଦେଇଥିଲେ। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ ଚଳିତମାସ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

# ଅସୁରକ୍ଷିତ ଘରେ ଚାଲିଛି ପାଠପଢ଼ା

ହାଟଡ଼ିହୀ, ୧।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପଡ଼ିଆରୀପଲୀ ପଞ୍ଚାୟତରେ ଥିବା ଜଡ଼ାବାଙ୍କ ଏମଇ ବିଦ୍ୟାଳୟଟି ଭଙ୍ଗା ଦଦରା ଓ ଅସୁରକ୍ଷିତ ଗୃହରେ ବିଦ୍ୟାଳୟ ଚାଲିଛି । ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏହି ଗୃହରେ ଶିକ୍ଷାଦାନ ଚାଲିଛି। ସରକାର ବିଦ୍ୟାଳୟ ଗୁଡ଼ିକୁ ଶ୍ରେଣୀଗୃହ ଯୋଗାଇଦେବା ସହିତ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ଓ ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଯୋଗାଇଦେଇ ଶିକ୍ଷାର ମାନ ବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି । କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରୁନି। ଉକ୍ତ ବିଦ୍ୟାଳୟର ୩୫ଜଣ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଥିବା ବେଳେ ଭଙ୍ଗା ଆଜବେଷ୍ଟସ ଘର ତଳେ ବସି ଶିକ୍ଷାଦାନ ଚାଲିଛି । ଆଜବେଷ୍ଟ ଗୁଡ଼ିକ ଫାଟିଯିବା ସହିତ ବଡ଼ ବଡ଼ କଣା ମଧ୍ୟ ହୋଇଛି । ଶ୍ରେଣୀ ଗୃହରେ ସୂର୍ଯ୍ୟକିରଣ ପଡ଼ିବା ସହିତ ବର୍ଷା ହେଲେ ପାଣି ଭିତରେ ପଶିଥାଏ। ଆଜବେଷ୍ଟ ଲାଗିଥିବା କାଠ ଗୁଡ଼ିକ ଦୁର୍ବଳ ଥିବା ବେଳେ କିଛି ସ୍ଥାନରେ କାଠ ମଧ୍ୟ ଭାଙ୍ଗି ରହିଛି। ଏଭଳି ଅସୁରକ୍ଷିତ ଓ ଭଙ୍ଗା ଆଜବେଷ୍ଟ ଘରେ ଶିକ୍ଷାଦାନ ଚାଲୁଥିଲେ ମଧ୍ୟ ବିଭାଗ ପ୍ରଶାସନ ପକ୍କାଗୃହଟିଏ ଯୋଗାଇ ଦେଉନାହାନ୍ତି। ଉକ୍ତ ଅଞ୍ଚଳଟି ଖଣି ପ୍ରଭାବିତ ହୋଇଥିଲେ ମଧ୍ୟ ଅନୁଦାନ ଦେଇ ପକ୍କାଗୃହ ନିର୍ମାଣ କରିବାରେ କାହାର ନଜର ପଡୁନାହିଁ। ଏହିଭଳି ବହୁ ବିଦ୍ୟାଳୟ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଜିଲାପାଳ ଏ ଦିଗରେ ଧ୍ୟାନ ଦେଇ ନୂତନ ଗୃହ ପାଇଁ ଯୋଗାଇଦେବାକୁ ଦାବି ହୋଇଛି ।

# ସରକାରୀ ଆଇଟିଆଇରେ ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷକ।

ଆନନ୍ଦପୁର, ୧।୮ (ସ୍ୱ.ପ୍ର.)

ଆନନ୍ଦପୁର ସରକାରୀ ଆଇଟିଆଇ ପରିସରରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କ ପାଇଁ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂତନ ଭାବେ ବିଭିନ୍ନ ଟ୍ରେଡରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବର ମଧ୍ୟ ଆୟୋଜନ କରାଯାଇଥିଲା। ଆଇଟିଆଇର ଅଧ୍ୟକ୍ଷ ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପାସ୍ କରିଥିବା ଛାତ୍ରମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସେହିଭଳି ନୂତନ ଭାବେ ଆଇଟିଆଇରେ ଯୋଗଦାନ କରିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଭାଗର ଟ୍ରେନର୍ ମାନେ ଉପଦେଶମୂଳକ ମନ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ତାଲିମ ଅଧିକାରୀ ଡଲିରାଣୀ ପାତ୍ର, ଟ୍ରେନର ପ୍ରକାଶ ରାଉତ, ପ୍ରଦୀପ କୁମାର ସାହୁ, ସତ୍ୟରଞ୍ଜନ ମହାନ୍ତ, ଜିତେନ୍ଦ୍ର ମାରାଣ୍ଡି, ଦିପ୍ତୀ ରଞ୍ଜନ ଜେନା, ଦୀପକ ମହାରଣା, କ୍ରୀଷ୍ଣାଶିଷ ବେହେରା, ମନୋରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

# ଢେଙ୍କିକୋଟରେ ଜନଗଣନା ଟିମ୍

ଢେଙ୍କିକୋଟ, ୧।୮ (ଡି.ଏନ୍.ଏ.)

ଭାରତସରକାରଙ୍କଜନଗଣନାକାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିବାବେଳେ ରାଜ୍ୟ ସରକାରଙ୍କ ଜନଗଣନା କାର୍ଯ୍ୟ ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍ ଜିଲାସ୍ତରରୁ ବଛାଯାଇ ଜିଲା ଡିଆର୍‌ଡିଏଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଜୀବିକା ମିଶନ ତରଫରୁ ମହିଳା ଜନଗଣନାକାରୀ ପ୍ରତ୍ୟେକ ବ୍ଲକରେ ଥିବା ସମସ୍ତ ପଞ୍ଚାୟତ ନିମନ୍ତେ ନିୟୋଜିତ ହୋଇଛନ୍ତି। ସେଥିମଧ୍ୟରୁ ଢେଙ୍କିକୋଟ ଗ୍ରାମପଞ୍ଚାୟତର ଚାରୋଟି ଗ୍ରାମ ନିମନ୍ତେ ୨ଟି ଟିମ୍‌ରେ ୮ଜଣ ମହିଳା ୨୪ ତାରିଖଠାରୁ ଜନଗଣନା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ମହିଳାମାନଙ୍କୁ ଗ୍ରାମର ଲୋକମାନେ ଭୁଲ୍ ବୁଝି ଠିକ୍ ତଥ୍ୟ ଦେଉ ନ ଥିବାବେଳେ ଲୁଟେରା ଗ୍ୟାଙ୍ଗ୍‌ର ଭାବି ବାରଣ୍ଡାରେ ବସିବା ପାଇଁ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏମିତିକି ମଧ୍ୟାହ୍ନ ସମୟରେ ଘରର କଲିଙ୍ଗବେଲ୍ ମାରି ମାରି ଥକିଗଲେ ମଧ୍ୟ ଗ୍ରୀଲ୍ ଗେଟ୍ ଖୋଲୁନାହାନ୍ତି। ପଞ୍ଚାୟତ ତରଫରୁ ସେମାନଙ୍କୁ ୱାର୍ଡ଼ ସଭ୍ୟମାନେ ସହଯୋଗ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବା ପାଇଁ ସେମାନେ ଦାବି କରିଛନ୍ତି। ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ଗ୍ରାମ ସାହିବସ୍ତିରେ ଥିବା ପ୍ରତ୍ୟେକ ପରିବାରଙ୍କ ଦ୍ୱାର ଦ୍ୱାର ବୁଲି ପରିବାର ସଂଖ୍ୟା, ପରିବାରର ମୁଖ୍ୟ, ସେମାନଙ୍କ କେତେ ପୁଅ କେତେ ଝିଅ, ସେମାନଙ୍କ ବୃତ୍ତି, ଚାଷଜମି ଅଛି କି ନାହିଁ, ପରିବାରର ମହିଳା କୌଣସି ଏସ୍‌ଏଚ୍‌ଜି ଗ୍ରୁପ୍‌ରେ ସାମିଲ ଅଛନ୍ତି କି ନାହିଁ। ପରିବାର ମୁଖ୍ୟଙ୍କ ମୋବାଇଲ ଫୋନ୍ ନମ୍ବର ଇତ୍ୟାଦି ଜନଗଣନାକାରୀ ଟିମ୍ ଏକ ସରକାରୀ ଫର୍ମରେ ପୂରଣ କରିଦେଉଛନ୍ତି। ଏହି ଜନଗଣନାରେ ସମସ୍ତେ ତାଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି।

# ଟ୍ରେଲର ଧକ୍କାରେ ଡ୍ରାଇଭର ଗୁରୁତର

ଢେଙ୍କିକୋଟ, ୧।୮ (ଡି.ଏନ୍.ଏ.)

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ନଂ ରାଞ୍ଚି-ବିଜୟୱାଡା କରିଡର ରାସ୍ତା କପାସ ବୁଲାଣୀ ବୁଧବାର ରାତି ୯ଟା ବେଳେ ଏକ ୨୦ଚକିଆ ଟ୍ରେଲର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଲୁହା ବାଡାରେ ବାଡ଼େଇ ହୋଇଯିବାରୁ ଗାଡ଼ିର ଡ୍ରାଇଭର ପରମଜିତ ସିଂ (୫୦) ଗୁରୁତର ହୋଇପଡ଼ିଛନ୍ତି। ତାଙ୍କ ଘର ପଞ୍ଜାବର ମୁଲାପୁର ଗ୍ରାମରେ। ସ୍ଥାନୀୟ ଲୋକେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ାଙ୍କୁ ଜଣାଇଥିଲେ। ଖବର ପାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଫାଣ୍ଡି ଅଧିକାରୀ ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଡ୍ରାଇଭରଙ୍କୁ ଘଟଗାଁ ଡାକ୍ତରଖାନାକୁ ପଠାଇଥିଲେ। ପୋଲିସ ଟ୍ରଲର ଜବତ କରି ତଦନ୍ତ ଜାରି ରଖିଛି।

# ଶିକ୍ଷା ଅନୁଷ୍ଠାନରେ ଚାରା ବଣ୍ଟନ

ଚମ୍ପୁଆ, ୧।୮ (ଡି.ଏନ.ଏ.)

ଚମ୍ପୁଆ ଉପଖଣ୍ଡସ୍ଥ ରିମୁଳି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଚାରା ବଣ୍ଟନ ଓ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ରୋପଣ ମାଧ୍ୟମରେ ପରିବେଶର ପୁନଃଉଦ୍ଧାର କରିବା ସହିତ ଜଙ୍ଗଲ ନଷ୍ଟ ଦ୍ୱାରା ସାରା ପୃଥିବୀକୁ ମାଡିଆସୁଥିବା ଭୟଙ୍କର ବିପଦକୁ ପ୍ରତିହିତ କରିବା ପାଇଁ ବୃକ୍ଷରୋପଣ ଏକ ମାତ୍ର ମାଧ୍ୟମ ବୋଲି ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ପ୍ରଶିକ୍ଷକ ରାମାକାନ୍ତ ପ୍ରଧାନ ଶିକ୍ଷାର୍ଥୀ ମାନଙ୍କୁ ଅବଗତ କରିଥିଲେ। ରମାକାନ୍ତ ପ୍ରଧାନ ଶିକ୍ଷାନୁଷ୍ଠାନର ୯୧ଜଣ ଗୁରୁ ଶିକ୍ଷାର୍ଥୀଙ୍କୁ ଅଶୋକ, ଡାଳିମ୍ବ, ପିଜୁଳି ଓ ଅଁଳା ପ୍ରଭୃତି ଚାରା ସହିତ ସାହାସ ହରାନ୍ତୁ ନାହିଁ, ଶିକ୍ଷକ ଗାରିମା, ବଡ ଲୋକ ନୁହେଁ ମହା ମାନବ, ତୁଳସିର ଉପକାରୀ ଗୁଣ, ଚିନ୍ତାରୁ ମୁକ୍ତି ପାଇବର ଉପାୟ, ଜ୍ଞାନ ଯଜ୍ଞର ମହତ୍ୱ ଓ ବୃକ୍ଷରୋପଣ ଏକ ପରମ ପୁଣ୍ୟ ପ୍ରଭୃତି ପୁସ୍ତକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


ଶିକ୍ଷାନୁଷ୍ଠାନ ପରିସରରେ ଚାରା ବଣ୍ଟନ କରାଯାଉଛି।

# ସ୍କୁଲ କମିଟି ଅଧ୍ୟକ୍ଷ ବହିଷ୍କୃତ

ହାଟଡିହୀ, ୧।୮ (ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଦଲକି ସ୍କୁଲର କମିଟି ଅଧ୍ୟକ୍ଷ ରବିନ୍ଦ୍ର ଦେହୁରୀଙ୍କୁ ବହିଷ୍କାର କରାଯାଇଛି। ଆୟୋଜିତ ଏକ ବୈଠକରେ କମିଟିର ସଦସ୍ୟମାନଙ୍କ ସହମତିରେ ତାଙ୍କୁ ବହିଷ୍କାର କରାଯାଇଥିବାବେଳେ ଚକ୍ରଧର ହୋଙ୍କୁ ନୂତନ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ସରକାରୀ ନିୟମ ଅନୁଯାୟୀ ଅତିରିକ୍ତ ରୋଷେୟା ଭାବେ ଦାୟିତ୍ୱ ତୁଲାଉଥିବା ଜଣେ ମହିଳାଙ୍କୁ ମଧ୍ୟ ବିଦା କରାଯାଇଛି। ଏନେଇ ପ୍ରଧାନ ଶିକ୍ଷକ ପୀତବାସ ପ୍ରଧାନ ସୂଚନା ଦେଇଛନ୍ତି।

# ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ

କେନ୍ଦୁଝର, ୧।୮ (ଡି.ଏନ୍.ଏ./ସ୍ୱ.ପ୍ର.)

ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନ ପେଜଲ୍ ଓ ସ୍ୱଚ୍ଛତା ବିଭାଗ ଦ୍ୱାରା ଜୁଲାଇ ୧ରୁ ଦେଶବ୍ୟାପୀ ଆରମ୍ଭ କରାଯାଇଥିବା ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମକୁ କେନ୍ଦ୍ର ପେନସନ ଓ ପେନସନଭୋଗୀ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ, କେନ୍ଦୁଝର ତରଫରୁ ଜଳ ସଂରକ୍ଷଣ ଓ ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କର୍ଷଣ ମହାପାତ୍ର ଓ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଜଳ ସଂରକ୍ଷଣ ଓ ପରିଚାଳନା ସମ୍ବନ୍ଧୀୟ ଏକ ଜନ ସଚେତନତା କାର୍ଯ୍ୟକ୍ରମ ସଦର ବ୍ଲକର ଡିମ୍ବୋ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ଅଖିଳ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଳ ସଙ୍କଟର ସମାଧାନ ପାଇଁ ଜଳ ସଂରକ୍ଷଣ, ବୃଷ୍ଟି ଜଳ ଅମଳ, ପୁରାତନ ଜଳାଶୟ ଓ ପୋଖରୀର ପୁନରୁଦ୍ଧାର, ଜଳଛାୟାର ଉନ୍ନତିକରଣ, ସଘନ ବନୀକରଣ ଉପରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ଅଭିଯାନରେ ଜନସାଧାରଣ ବହୁ ସଂଖ୍ୟାରେ ସାମିଲ ହୋଇ ଏହାକୁ ଗଣ ଆନ୍ଦୋଳନ ରୂପେ ଗଢି ତୋଳିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିମ୍ବୋ ପଞ୍ଚାୟତର ପୂର୍ବତନ ସରପଞ୍ଚ, ବରିଷ୍ଠ ନାଗରିକଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ନବକିଶୋର ସିଂ,ଗୋବିନ୍ଦ ଚନ୍ଦ୍ର ଦାସ, କୃପାସିନ୍ଧୁ ଗିରି, ଖଗେଶ୍ୱର ମହାନ୍ତ, ଶରତ ଚନ୍ଦ୍ର ପାତ୍ର, ଅଶୋକ କୁମାର ଦାସ, ସରୋଜ କୁମାର ନାୟକ, ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ବିଶିଷ୍ଟ ବଂଶୀବାଦକ ଦିବାକରଙ୍କ ସ୍ମୃତିସଭା

କେନ୍ଦୁଝର, ୧।୮ (ସ୍ୱ.ପ୍ର.)

ବିଶିଷ୍ଟ ବଂଶୀ ବାଦକ ତଥା ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଦିବାକର ଚୌଧୁରୀଙ୍କ ଦେହାନ୍ତରେ ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ସଂଘ ପକ୍ଷରୁ ଏକ ଶୋକ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଂଘର ବରିଷ୍ଠ ସଦସ୍ୟ ବିକାଶ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ବହୁ ସଦସ୍ୟ ଯୋଗଦେଇ ଦିବଂଗତ କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ଉଚ୍ଚ କୋଟୀର ବଂଶୀବାଦକ ଭାବରେ ଦୂରଦର୍ଶନ, ଆକାଶବାଣୀ ତଥା ବିଭିନ୍ନ ସଙ୍ଗଠନ ପକ୍ଷରୁ ଆୟୋଜିତ ସଙ୍ଗୀତ ସମାରୋହରେ ସାମିଲ ହୋଇ ବହୁ ପୁରସ୍କାର, ସମ୍ମାନ ପାଇ ପ୍ରଶଂସିତ ହେବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ଜଣେ କର୍ମଠ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ । ଏହି ଅବସରରେ ତାଙ୍କ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ତାଙ୍କର ଦେହାନ୍ତ ସଦର ବ୍ଲକ ନେଲୁଙ୍ଗ (ଆମ୍ବୁଆପୋଷି) ଗ୍ରାମ ନିଜ ବାସ ଘରେ ହୋଇଥିଲା । ସେ ୧୯୬୨ ମସିହାରେ ବିଚାର ବିଭାଗରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଦୀର୍ଘ ୪୦ ବର୍ଷ ଧରି କାମ କରି ୨୦୦୨ ମସିହାରେ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା।


ଦିବାକର ଚୌଧୁରୀ (ଫାଇଲ ଫଟୋ)

# ଆକର୍ଷିତ କରୁଛି ମେଘମାଳ କାଞ୍ଜିପାଣି ଘାଟି

■ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା କରିବାକୁ ଦାବି
■ ନିଷ୍ପତ୍ତି ହେଲେ ବି ହୋଇନି କଟେଜ୍ ନିର୍ମାଣ
■ ବିକାଶ ହେଲେ ଗାଁ ଲୋକେ ହେବେ ଉପକୃତ

କେନ୍ଦୁଝର, ୧।୮ (ସ୍ୱ.ପ୍ର.)

ସମସ୍ତେ ହିଲ୍ ଷ୍ଟେଶନରେ ଛୁଟି କାଟିବାକୁ ଭଲ ପାଆନ୍ତି। କିଏ ମସୌରୀ, ଦାର୍ଜିଲିଂ ତ ଆଉ କିଏ କୁଲୁ, ମନାଲି। ଏହି ପାହାଡ଼ିଆ ପର୍ବତଘେରା ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଭଲ ଲାଗେ। ଦୈନନ୍ଦିନ ଜୀବନରୁ କିଛି କ୍ଷଣ ଏହି ପରିବେଶରେ କଟାଇଲେ ସବୁ ଟେନ୍‌ସନ ଦୂର ହୋଇଥାଏ। ତେବେ ଏହିପରି ଆମ ଓଡ଼ିଶାରେ ମଧ୍ୟ ଅନେକ ସ୍ଥାନ ରହିଛି। କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ସେସବୁର ବିକାଶ କରାଯାଉନାହିଁ। କେନ୍ଦୁଝର ଜିଲାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା କାଞ୍ଜିପାଣି ଘାଟିର ମନୋରମ ଦୃଶ୍ୟ ପର୍ଯ୍ୟଟକ ତଥା ଯାତାୟାତ କରୁଥିବା ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ବିଶେଷକରି ବର୍ଷାଦିନେ କୁହୁଡିଆ ପରିବେଶ ସାଙ୍ଗକୁ ସବୁଜ ପାହାଡ଼ ଦେହରେ ଭାସମାନ ବାଦଲର ଅପୂର୍ବ ଦୃଶ୍ୟ ସହିତ ବର୍ଷାକୁ ଉପଭୋଗ କରିବାକୁ କିଛି କ୍ଷଣ ପର୍ଯ୍ୟଟକ ଅଟକି ଯାଇଥାନ୍ତି। ଭାସମାନ ବାଦଲର ସ୍ପର୍ଶକୁ ଅନୁଭବ କରି ପର୍ଯ୍ୟଟକ ଆନନ୍ଦ ନେଇଥାନ୍ତି। ତେବେ ଏହି ଘାଟିରେ ମନୋରମ ଦୃଶ୍ୟ ଉପଭୋଗ କରିବା ଲାଗି ପର୍ଯ୍ୟଟକଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଗଲେ ଅଧିକ ଆକୃଷ୍ଟ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି।

ରାସ୍ତା ପ୍ରଶସ୍ତୀକରଣ ପାଇଁ ବହୁ ଜଙ୍ଗଲ ଓ ଝରଣା କ୍ଷତିଗ୍ରସ୍ତ ହୋଇଛି । ସେହିପରି ପୋଡୁ ଚାଷ, ଜଙ୍ଗଲ ନଷ୍ଟ, ପ୍ରାକୃତିକ ଜଙ୍ଗଲ ନଷ୍ଟ କରି ବନୀକରଣ ଆଦି ଯୋଗୁ ଏହା କ୍ଷତିଗ୍ରସ୍ତ ହୋଇଛି। ଏହି ଘାଟିରେ ପାଖାପାଖି ୧୦ରୁ ଊର୍ଦ୍ଧ୍ୱ ଆଦିବାସୀ ଗ୍ରାମ ରହିଛି। ସେମାନଙ୍କ ଲାଗି କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ ନ ଥିବାରୁ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ ହେବାରୁ ଜଙ୍ଗଲ ପଦା ହେବାକୁ ବସିଛି। ତଥାପି ବର୍ଷାଦିନେ ସବୁଜ ପରିବେଶ ଏବଂ ମେଘମାଳ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ସେହିପରି ଏହା ନିକଟରେ ଥିବା ଝରଣାର ପାଣି ସମସ୍ତଙ୍କୁ ବିମୋହିତ କରିଥାଏ। ଶୀତଋତୁରେ ସବୁଜ ଘାଟିରେ କୁହୁଡିଆ ପରିବେଶ ବେଶ୍ ରୋମାଞ୍ଚକର। କାଞ୍ଜିପାଣି ଘାଟିରୁ ଜଗମୋହନପୁର ଏନ୍‌ଏଚ୍-୪୯ ରାସ୍ତାରେ ୧୯ କି.ମି. ଦୀର୍ଘ ଏବଂ କାଞ୍ଜିପାଣିରୁ ପଣସନସା ଦେଇ ତେଲକୋଇ ରାସ୍ତାରେ ପାଖାପାଖି ୮ କି.ମି. ଦୀର୍ଘ ଜଙ୍ଗଲ ଓ ପାହାଡ଼ ଦେଇ ଯାଇଥିବା ଅଙ୍କାବଙ୍କା ରାସ୍ତା ଅନେକଙ୍କୁ ଆକୃଷ୍ଟ କରିଥାଏ । ରାସ୍ତାକାମ ଚାଲିଥିବା ବେଳେ ବିଭିନ୍ନ ସ୍ଥାନରେ ବିଶ୍ରାମଘର ସହିତ ୱାଚ୍ ଟାୱାର ଇତ୍ୟାଦି ନିର୍ମାଣ କରାଗଲେ ଏହା ମସୌରୀ ଓ ଦାର୍ଜିଲିଂ ଭଳି ବେଶ୍ ପ୍ରସିଦ୍ଧି ଲାଭ କରିପାରିବ ବୋଲି ମତପ୍ରକାଶ ପାଉଛି। ଏହି ରାସ୍ତାରେ ଥିବା ଝରଣା, ନଦୀ ନାଳଗୁଡ଼ିକର ସୁରକ୍ଷା ସହ ବିକାଶ କରାଗଲେ ଏହା ଅଧିକ ଲୋକଙ୍କୁ ଆକୃଷ୍ଟ କରିପାରିବ। ଏହାର ବିକାଶ ହେଲେ ଏହି ଅଞ୍ଚଳରେ ରହୁଥିବା ଜିଲାର ପୁରାତନ ଜନଜାତି ଜୁଆଙ୍ଗ ଓ ଭୂୟାଁ ଗ୍ରାମଗୁଡିକ ବାସିନ୍ଦା ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି। ଏହାଦ୍ୱାରା ରାସ୍ତାକଡ଼ରେ ଢାବା, ହୋଟେଲ, ରେଷ୍ଟୁରାଣ୍ଟ ଗଢ଼ିଉଠିବ। ଏଣୁ ପ୍ରଶାସନ ବିଭିନ୍ନ ବିଭାଗର ସମନ୍ୱୟରେ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଡ. ବିଦ୍ୟାଧର ବେହେରା, ପରିବେଶବିତ୍ କହିଛନ୍ତି। ଏଠାରେ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ରହିବା ପାଇଁ କଟେଜ୍ ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ନିଷ୍ପତ୍ତି ହୋଇଥିଲେ ହେଁ ଅଦ୍ୟାବଧି ତାହ କାର୍ଯ୍ୟକାରୀ ହୋଇନାହିଁ। ଏହା କାର୍ଯ୍ୟକାରୀ ହେଲେ ବହୁ ପର୍ଯ୍ୟଟକ ରାତ୍ରିଯାପନ କରି ଏହାର ମନୋରମ ଦିନ ଓ ରାତିର ଦୃଶ୍ୟକୁ ଉପଭୋଗ କରିପାରିବେ ବୋଲି ମତପ୍ରକାଶ ପାଉଛି। ସେହିପରି କାଞ୍ଜିପାଣି ଘାଟି ଦେଇ ଯାଇଥିବା କାଞ୍ଜିପାଣି-ତେଲକୋଇ ରାସ୍ତା ଓ କାଞ୍ଜିପାଣି-ଜଗମୋହନପୁର ଜାତୀୟ ରାଜପଥ ୪୯କୁ ସଂଯୋଗ କରି କେବୁଲ କାର ବ୍ୟବସ୍ଥା କରାଗଲେ ଲୋକମାନେ ଆକାଶମାର୍ଗରୁ ପାହାଡ଼ ଓ ଜଙ୍ଗଲର ଦୃଶ୍ୟକୁ ବେଶ୍ ଉପଭୋଗ କରିପାରିବେ ବୋଲି ମତ ପ୍ରକାଶ ପାଉଛି । ଏହାଛଡ଼ା ଗ୍ରାମାଞ୍ଚଳରେ ପାରମ୍ପରିକ ବନବାସୀଙ୍କ ଚାଙ୍ଗୁ ନୃତ୍ୟକୁ ମଧ୍ୟ ପର୍ଯ୍ୟଟକ ଉପଭୋଗ କରିପାରିବେ ବୋଲି ମତପ୍ରକାଶ ପାଉଛି ।


କାଞ୍ଜିପାଣିର ଅପୂର୍ବ ଦୃଶ୍ୟ।

## ସଂକ୍ଷେପରେ

### ଭଞ୍ଜସେନା ଜିଲା କମିଟି ସଂପ୍ରସାରିତ

ବାରିପଦା ଅଫିସ,୧।୮- ମୟୂରଭଞ୍ଜ ଜିଲାରେ ଦୀର୍ଘ ୨୦ ବର୍ଷ ହେବ ବିଭିନ୍ନ ଗଣ ଆନ୍ଦୋଳନ କରୁଥିବା ଅଣରାଜନୈତିକ ଅନୁଷ୍ଠାନ ଭଞ୍ଜସେନା ପକ୍ଷରୁ ଜିଲା ବ୍ୟାପି ସଂଗଠନକୁ ସୁଦୃଢ଼ କରିବା ପାଇଁ ଯୁବ ଛାତ୍ର ସଂଗଠକମାନଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେନାର ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏନେଇ ଗଣମାଧମକୁ ସୂଚନା ଦେଇଛନ୍ତି। କପ୍ତିପଦା ଉପଖଣ୍ଡର ସଭାପତି ଭାବେ ଜିତେନ୍ଦ୍ର ହେମ୍ବ୍ରମ ଓ ପଞ୍ଚପୀଢ଼ ଉପଖଣ୍ଡର ସଭାପତି ଭାବେ ମନୋରଞ୍ଜନ ତିରିଆ ଓ ଜିଲା ସମ୍ପାଦକ ଭାବେ କିଶୋର ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହିତ ପୂର୍ବରୁ ଥିବା ଜିଲା ଛାତ୍ର ଶାଖା କମିଟିକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଖୁବ ଶୀଘ୍ର ଜିଲା ଛାତ୍ର ଶାଖା କମିଟି ଗଠନ କରାଯିବ ବୋଲି ମୁଖପାତ୍ର ପୃଷ୍ଟି କହିଛନ୍ତି।

### ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ

ବାଙ୍ଗିରିପୋଷି,୧।୮(ଡି.ଏନ୍.ଏ.)- ବାରିପଦା ସ୍ଥିତ ରୋଟାରୀ କ୍ଲବ ପକ୍ଷରୁ ମଙ୍ଗଳବାର ବାଙ୍ଗିରିପୋଷି ଅଞ୍ଚଳରେ ବୃକ୍ଷରୋପଣ କରାଯାଇଛି। କ୍ଲବ ସଭାପତି ମୋହନ ବୃନୱାଲଙ୍କ ସମେତ ରୋଟାରିଆନ ତାରାପ୍ରସାଦ ଦାସ, ରାକେଶ ସିଂ, ମନୋଜ ଦଳବେହେରା, ଶ୍ୟାମଲାଲ ପଟ୍ଟନାୟକ, ଗଣେଶ ଦାସ, ତମିର କୁମାର ଘୋଷ, ଅରୁଣ କୁମାର ଦାସ, ଗୋଲକ ମୁଖାର୍ଜୀଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ବାଙ୍ଗିରିପୋଷିର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ପ୍ରଥମେ ବାଙ୍ଗିରିପୋଷିସ୍ଥିତ ଦ୍ୱାରଶୁଣି ଘାଟିଠାରେ ବୃକ୍ଷରୋପଣ କରାଯାଇଥିଲା। ପରେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧକ୍ଷା ଡା.ପୁଷ୍ପା ପାତ୍ରଙ୍କ ସମେତ ବହୁ ଅଧାପିକା ଅଧାପକ, କର୍ମଚାରୀ ଏବଂ କଲେଜର ୱାଇଆରସି ଇକୋ କ୍ଲବର ମିଳିତ ସହଯୋଗରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା।

### ମାଗଣା ଶିକ୍ଷା ଅଧିକାର ସଚେତନତା ବୈଠକ

ବେତନଟୀ,୧।୮(ଡି.ଏନ୍.ଏ.)- ସମାଜରେ ଦିନକୁ ଦିନ ବାଳ ଅପରାଧ ବୃଦ୍ଧି ପାଉଥିଲା ବେଳେ ଏହାର ନିରାକରଣ ପାଇଁ ସଚେତନ ନାଗରିକ କିଭଳି ଦାୟିତ୍ୱବାନ ହେବା ଉଚିତ୍ ଓ ମାଗଣା ଶିକ୍ଷା ଅଧିକାରର ସୁବିଧା ନେଇ ଛାତ୍ରୀଛାତ୍ର ଉପକୃତ ହେବା ସମ୍ପର୍କରେ ବୁଧବାର ବେତନଟୀ ଜେଏମ୍ଏଫ୍ସି କୋର୍ଟରେ ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ ହୋଇଥିଲା। ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ବେତନଟୀ ବାର ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ଅରୂପ କୁମାର ଘୋଷ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବେତନଟୀ କୋର୍ଟର ବିଚାରପତି ସୁଧୀରଞ୍ଜନ ଦାଶ, ବରିଷ୍ଠ ଶିକ୍ଷାବିତ ଓ ତାଲୁକ ଆଇନ ସେବା ସଦସ୍ୟ ଚୂଡ଼ାମଣୀ ମହାପାତ୍ର, ବାର ଆସୋସିଏସନର ସମ୍ପାଦକ ସଞ୍ଜୟ କୁମାର ରାଉତ ମଞ୍ଚାସୀନ ହୋଇ ଅଭିଭାଷଣ ରଖିଥିଲେ। ଆଇନ୍‌ଜୀବୀ ସଚ୍ଚିଦାନନ୍ଦ ମହାନ୍ତି, ଖବରଦାତା ହରିଶଚନ୍ଦ୍ର ନନ୍ଦଗୋସ୍ୱାମୀ, ଅରୁଣ ଓତା, ଅର୍ନବ କୁମାର ଘୋଷ ନିଜ ନିଜର ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଏବଂ ସ୍ଥାନୀୟ ପୋଲିସ୍ ମଧ ଯୋଗଦେଇଥିଲେ। ବୈଠକରେ ରଣଜିତ ଗନ୍ତାୟତ, ଦେବବ୍ରତ ପରିଡ଼ା, ରବିନାରାୟଣ ମହାପାତ୍ର, ଲମ୍ବୋଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ଯୋଗାଣ ବିଭାଗର ସହଯୋଗ ମନୋବୃତ୍ତି

# ଭିନ୍ନକ୍ଷମ, ଶଯ୍ୟାଶାୟୀଙ୍କୁ ଘରେ ଦିଆଯିବ ରାଶନ ସାମଗ୍ରୀ

ବାରିପଦା ଅଫିସ,୧।୮-

ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ବୃଦ୍ଧାବୃଦ୍ଧ, ଶଯ୍ୟାଶାୟୀ କିମ୍ବା ଭିନ୍ନକ୍ଷମ ବ୍ୟକ୍ତିମାନେ ବିଭିନ୍ନ ସମୟରେ ସୁଲଭ ମୂଲ୍ୟ ଦୋକାନକୁ ଯାଇ କୌଣସି ଖାଉଟି ସାମଗ୍ରୀ ଯଥା ଚାଉଳ ଗହମ ଆଦି ପାଉ ନ ଥିବା ଅଭିଯୋଗ ହେଉଥିଲା। ତେବେ ପ୍ରଶାସନ ତଥା ଜିଲା ଯୋଗାଣ ଅଧିକାରୀ କିଶୋର କୁମାର ପାତ୍ରଙ୍କ ଉଦ୍ୟମରେ ଏହି ସମସ୍ୟାର ସମାଧାନ କରାଯାଇଛି। ଏଥିପାଇଁ ସରକାରୀ ନିର୍ଦ୍ଦେଶ ନ ଥିଲେ ମଧ ସାମାଜିକ ଦାୟିତ୍ୱ ତଥା ସେବା ମନୋବୃତ୍ତି ନେଇ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜିଲା ଯୋଗାଣ ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ ଚଳିତ ମାସ ଠାରୁ ଯୋଗାଣ ସହାୟିକା,ସହାୟକମାନେ ଚାଉଳ,ଗହମ ଆଦି ଖାଉଟି ସାମଗ୍ରୀ ନେଇ ଭିନ୍ନକ୍ଷମ, ଶଯ୍ୟାଶାୟୀ ତଥା ବୃଦ୍ଧାବୃଦ୍ଧଙ୍କ ଘରକୁ ଯିବେ। ସେମାନଙ୍କ ଆଙ୍ଗୁଳି ଚିହ୍ନ ନେଇ କାର୍ଡରେ ଥିବା


ଯୋଗାଣ ସହାୟିକା ଜଣେ ବୃଦ୍ଧାଙ୍କ ଅଙ୍ଗୁଳି ଚିହ୍ନ ନେଉଛନ୍ତି।

ପରିମାଣ ମୁତାବକ ଖାଉଟି ସାମଗ୍ରୀ ପ୍ରଦାନ କରିବେ। ଏହା ଦ୍ୱାରା ଖାଦ୍ୟ ସୁରକ୍ଷା ଯୋଜନାରୁ କୌଣସି ହିତାଧିକାରୀ ବଞ୍ଚିତ ହେବେ ନାହିଁ। ଜିଲା ଯୋଗାଣ ବିଭାଗର ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

ଜିଲା ଯୋଗାଣ ଅଧିକାରୀ ଆହୁରି ସୂଚନା ଦେଇ କହିଛନ୍ତି ଯେ, ସରକାରଙ୍କ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତି ୨ ମାସରେ ଥରେ ଖାଉଟି ସାମଗ୍ରୀ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ମୁତାବକ ଏକ ନର୍ଦ୍ଦିଷ୍ଟ ସମୟସୀମା ମଧରେ ଖାଉଟି କାର୍ଡଧାରୀ ସୁଲଭମୂଲ୍ୟ ଦୋକାନକୁ ଆସିବେ। ଇ -ପୋଷ ମେଶିନରେ ନିଜ ଆଙ୍ଗୁଳି ଚିହ୍ନ ଦେବା ପରେ ଖାଉଟି ସାମଗ୍ରୀ ନେଇ ପାରିବେ। ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ନ ଆସିଲେ ସେହି ମାସର ଖାଉଟି ସାମଗ୍ରୀ ପାଇବାରୁ ହିତାଧିକାରୀ ବଞ୍ଚିତ ହେବେ ବୋଲି ମଧ ପାତ୍ର କହିଛନ୍ତି।

# କାଠ ଜବତ, ୩ ଗିରଫ


ଜବତ ଗାଡ଼ି ଓ ଅଭିଯୁକ୍ତମାନଙ୍କ ସହିତ ବନ ବିଭାଗ ଅଧିକାରୀ।

କପ୍ତିପଦା,୧।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ୍ ଅଧୀନ କାଲାଡାହି ନିକଟରେ ବୁଧବାର ବିଳମ୍ବିତ ରାତିରେ ବନ ବିଭାଗ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଚୋରାଚାଲାଣ ହେଉଥିବା ୬ଟି ଶାଳଗଣ୍ଡି ଓ ୯ଟି ନିମ୍ବ ଗଣ୍ଡିକୁ ବନ ବିଭାଗ ଜବତ କରି ଭ୍ୟାନ୍ ଡ୍ରାଇଭର ଓ ୨ ଶ୍ରମିକଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନୀଳଗିରି ଥାନା ଅଧୀନ ଘାଟଘର ସାହି ଗ୍ରାମର ବାବୁ ନାଏକ, ଲିପୁ ସିଂ ଓ ମନୋରଞ୍ଜନ ବେହେରା । ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ୍ ମଲ୍ଲିକ୍‌ଙ୍କ ନିର୍ଦ୍ଦେଶରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଡେପୁଟି ରେଞ୍ଜର ଜ୍ୟୋତିରଞ୍ଜନ ସେନାପତି, ଫରେଷ୍ଟର ଶୋଭାକର ସିଂହ, ବନରକ୍ଷୀ ଅଞ୍ଜନ କୁମାର ଲେଙ୍କା, ରାଜ କିରଣ ରାଉତ ଓ ଆଲୋକ ସାମଲ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

■ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

# 'ଅନୁତାପ' ଶ୍ରେଷ୍ଠ ନାଟକ ବିବେଚିତ



ଉପସ୍ଥିତ ଅତିଥି ବୃନ୍ଦ।

ବାରିପଦା ଅଫିସ,୧।୮

ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ସ୍ଥାନୀୟ ଭଞ୍ଜପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ମୋଟ ୧୪ଟି ନାଟ୍ୟ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ, ଗାନ୍ଧୀ ଓ ବିଜ୍ଞାନ, ପର୍ଯ୍ୟାୟ ସାରଣୀ, ସ୍ୱଚ୍ଛ ଓ ସବୁଜ ଶକ୍ତି ଆଦି ବିଷୟ ବସ୍ତୁ ଉପରେ ପ୍ରସ୍ତୁତ ନାଟକଗୁଡିକରେ ଛାତ୍ରୀଛାତ୍ରମାନେ ଅଭିନୟ କରିଥିଲେ। ଏଥିରେ ବିଚାରକ ଭାବେ ଇଂ. ମନୋଜ ଦଳବେହେରା, ଗୋକୁଳ ଚନ୍ଦ୍ର ଦାସ ଓ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବଡ଼ସାହି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶିତ ନାଟକ ଅନୁତାପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଆସନ୍ତା ୫ ତାରିଖରେ ଢେଙ୍କାନାଳଠାରେ ଅନୁଷ୍ଠିତ ହେବାକୁ ଥିବା ଜୋନସ୍ତରୀୟ ବିଜ୍ଞାନ ନାଟକ ପରିବେଷଣରେ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେବେ। ସେହିପରି ରଘୁନାଥ ଉଚ୍ଚ ବିଦ୍ୟାଳୟର ନାଟକ ବୈଷ୍ଣବ ଜନ ତୋ ଦ୍ୱିତୀୟ ହୋଇଥିବା ବେଳେ ବାରିପଦା ଏମକେସି ହାଇସ୍କୁଲର ନାଟକ ଆଶାର ଆଲୋକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଜିଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହପ୍ରଭା ମହାନ୍ତ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ କୁମାର ଦତ୍ତ, ନୟନ କୁମାର ଗିରି, ଦିଲ୍ଲୀପ କୁମାର ମିଶ୍ର, ବିଷ୍ଣୁପଦ ଆଚାର୍ଯ୍ୟ ଓ ତପନ କୁମାର ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରକ୍ତ ଭଣ୍ଡାର ପରିଚାଳନା ସମିତି ବୈଠକ

ଉଦଳା,୧।୮(ଡି.ଏନ୍.ଏ.)-

ଉଦଳା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପରିଚାଳନା ସମିତିର ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଉପଜିଲାପାଳ ଭଗବାନ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତିଙ୍କ ସଂଯୋଜନାରେ ରକ୍ତ ଭଣ୍ଡାର ପରିଚାଳନା ନେଇ ସମସ୍ୟା, ଆବଶ୍ୟକତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି କ୍ରୟ, କର୍ମଚାରୀ ନିଯୁକ୍ତି, ରକ୍ତଦାନ ଶିବିର ଆୟୋଜନ, ରକ୍ତଦାନ ପାଇଁ ସଚେତନତା ଅଭିଯାନ ବିଷୟରେ ଆଲୋଚନା କରାଯାଇଥିଲା । ଉଦଳା ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡା. ପ୍ରଣବ ପ୍ରିୟଦର୍ଶୀ ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନରସିଂହ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସହ ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହାବିଦ୍ୟାଳୟର ରେଡକ୍ରସ୍ ଦାୟିତ୍ୱରେ ଥିବା ଅଧାପିକା,ଅଧାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରମିଳା ପଣ୍ଡା, ଅମୀୟ କୁମାର ବଳ, ସରୋଜ କୁମାର ସାମଲ, ଠୁମ୍ପୁ ମୁର୍ମୁ, ଲକ୍ଷ୍ମଣ ମହାପାତ୍ର, ପୂର୍ବତନ ଏନଏସି ଚେୟାରମ୍ୟାନ୍ ସୌଭାଗ୍ୟ କୁମାର ସାହୁ, ନିହାର ରଞ୍ଜନ ମୋଦିଙ୍କ ସମେତ ରକ୍ତଭଣ୍ଡାର ପରିଚାଳନା ସମିତିର ସଦସ୍ୟମାନେ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବାରିପଦା ଅଫିସ,୧।୮

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲେସନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ ଅଧକ୍ଷତା କରିଥିଲେ। ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ଶିକ୍ଷୟତ୍ରୀ/ଶିକ୍ଷକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଗଣମାଧମର ପ୍ରତିନିଧିମାନଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା।

ପ୍ରତ୍ୟୁଷରେ ରାମଧୂନ, ବିଭିନ ଶିକ୍ଷାନୁଷ୍ଠନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସକାଳ ଘ.୭.୩୦ମି. ସମୟରେ ପ୍ରଭାତଫେରୀ କରାଯିବ। ସକାଳ ଘ.୮.୩୦ମି ସମୟ ସୁଦ୍ଧା ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ଉତ୍ସବରେ ସମ୍ମିଳିତ ହେବେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ଘ.୯.୧୫ମି. ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ, ଅଭିବାଦନ ଗ୍ରହଣ ଓ ପ୍ୟାରେଡ୍ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଏହି ଉପଲକ୍ଷେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧରେ ଦେଶାତ୍ମବୋଧକ ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ, କୁଇଜ, ଚିତ୍ରାଙ୍କନ, ଯୋଗାସନ, ଜିମ୍‌ନାଷ୍ଟିକ ଆଦି ପ୍ରତିଯୋଗିତା ଏବଂ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ବହୁଭାଷୀ କବି ସମ୍ମିଳନୀ, ବୃକ୍ଷରୋପଣ, ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଓ ଫୁଟବଲ ମ୍ୟାଚ୍, ସାଇକେଲ ଚାଳନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସଂପୃକ୍ତ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଆନୁକୂଲ୍ୟରେ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସନ୍ଧ୍ୟା ୬ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବ। ଶେଷରେ ବାରିପଦା ଉପଜିଲପାଳ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଡିଏସପି (ଡିଆଇବି) ବାମଦେବ ସିଂ, ସଦର ଏସ୍‌ଡିପିଓ କୃଷ୍ଣ ପ୍ରସାଦ ପଟ୍ଟନାୟକ,ରିଜର୍ଭ ଇନ୍ସପେକ୍ଟର ଅଫ୍ ପୋଲିସ କୁଳମଣି ଗିରି, ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ, ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, ଏଡିଏମ୍ଓ (ଏଫ୍‌ଡବ୍ଲ୍ୟୁ) ଡ. ଜ୍ଞାନେନ୍ଦ୍ର କୁମାର ମହାନ୍ତି, ଏସ୍‌ଡିଓ (ଆର୍‌ଏଣ୍ଡବି) କେସି ବେହେରା, ଡିଡବ୍ଲୁଓ ସ୍ମୃତି ରଞ୍ଜନ ବେହେରା, ଅଗ୍ନିଶମ ଅଧିକାରୀ ବାରିପଦା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ ଓ ଅନ୍ୟମାନେ।

# ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜଳିଗଲା

ଖୁଣ୍ଟା,୧।୮(ଡି.ଏନ୍.ଏ.)-

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ୧୯ନଂ. ରାଜ୍ୟ ରାଜପଥର କେନାଲ ଛକଠାରେ ଗୁରୁବାର ସକାଳେ ଏକ ମାଲ୍ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ବାରିପଦାରୁ ଖୁଣ୍ଟା ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରକ୍‌ଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ଏହାର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଚାଳକ ଓ ଖଲାସୀ ଅଳ୍ପକେ ବର୍ତ୍ତିଯାଇଥିଲେ। ଖବରପାଇ ଖୁଣ୍ଟା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଏ ନେଇ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଟ୍ରକ୍‌ରେ ସିମେଣ୍ଟ ଇଟା ତିଆରି ପାଇଁ କଞ୍ଚାମାଲ ଯାଉଥିଲା।


ଜଳି ଯାଇଥିବା ଟ୍ରକ୍।

# ପ୍ରତିଶ୍ରୁତିରେ ଅଟକିଛି ସବ୍‌ରେଜିଷ୍ଟ୍ରାର ଅଫିସ

■୨୩ ବର୍ଷ ହେଲା ଲୋକେ ହନ୍ତସନ୍ତ
■ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ବଡ଼ସାହି,୧।୮(ସ୍ୱ.ପ୍ର)

ବଡ଼ସାହି ହେଉଛି ମୟୂରଭଞ୍ଜ ଜିଲାର ସର୍ବବୃହତ୍ ବ୍ଲକ। ଶିମିଳିପାଳ ପାଦଦେଶରୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ଲମ୍ବିଛି ଏହାର ପରିସୀମା। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଖୋଲାଯାଇଥିବା ତହସିଲ କାର୍ଯ୍ୟାଳୟ ସହିତ ସବ୍ ରେଜିଷ୍ଟ୍ରାର ଓ ସବ୍‌ଟ୍ରେଜେରି ଅଫିସ ଖୋଲିବାକୁ ନିୟମ ରହିଥିଲେ ମଧ ଅଦ୍ୟାବଧି ଅଞ୍ଚଳବାସୀ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଦାବି ପରେ ବି ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ନିର୍ବାଚନ ଆସିଲେ ରାଜନେତାମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ପରେ ସେମାନଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟୁଛି।

ଏହି ବ୍ଲକର ୩୦ ପଞ୍ଚାୟତରେ ଥିବା ୨୨୪ଟି ରାଜସ୍ୱ ଗ୍ରାମକୁ ନେଇ ତହସିଲ କାର୍ଯ୍ୟାଳୟ ଚାଲିଛି । ଏହା ଅଧୀନରେ ୭ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିବା ବେଳେ ଲୋକସଂଖ୍ୟା ୨ ଲକ୍ଷରୁ ଊର୍ଦ୍ଧ୍ୱ । ୮୪ ହଜାର ୧୧୩ ପୁରୁଷ ଓ ୮୦ ହଜାର ୭୦୪ ମହିଳା ଭୋଟର ଥିବାବେଳେ ମୋଟ ୧ଲକ୍ଷ ୬୪ ହଜାର ୮୧୭ ଭୋଟର ମତଦାନ କରୁଛନ୍ତି । ବ୍ଲକରେ ୪ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୭ଟି ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ମିନି ବ୍ୟାଙ୍କ, ୨ଟି ଉପଡାକଘର, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଥାନା, ସିଏଚ୍‌ସି, ଦମକଳ କେନ୍ଦ୍ର, ଉଠା ଜଳସେଚନ, ୨ଟି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ୨ଟି ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ, ଦେବୋତ୍ତର ବିଭାଗ ପରିଚାଳିତ ୨ଟି ମନ୍ଦିର ତଥା ପର୍ଯ୍ୟଟନସ୍ଥଳୀ, ୩ଟି କଲେଜ, ୩୨ଟି ହାଇସ୍କୁଲ ଓ ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ରହିଛି। ୧୯୯୬ରେ ନୂତନ ଭାବେ ତହସିଲ କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସବ୍‌ରେଜିଷ୍ଟ୍ରାର ଓ ସବ୍‌ଟ୍ରେଜେରି ଅଫିସ ଖୋଲିବାକୁ ସରକାରୀ ନିୟମ ରହିଛି। ତେବେ ୨୩ ବର୍ଷ ହେଲା ବ୍ଲକର ଜନସାଧାରଣ ବାରିପଦା ଓ ବେତନଟୀରେ ଥିବା ଉପରୋକ୍ତ ୨ଟି କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ମଧ ହେଉଛନ୍ତି । ସାଧାରଣ ନିର୍ବାଚନ ଆସିଲେ ଲୋକେ ଉକ୍ତ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର ହୋଇଥାନ୍ତି । ମାତ୍ର ପରବର୍ତ୍ତୀ ସମୟରେ ଏହାର ସଫଳ ରୂପାୟନ ହୋଇପାରେ ନାହିଁ । ନବନିର୍ବାଚିତ ବିଧାୟକ ସନାତନ ବିଜୁଳି ଏ ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି । ତେବେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ନାହିଁ ବୋଲି ଜଣାପଡିଛି। ଉପରୋକ୍ତ କାର୍ଯ୍ୟାଳୟ ନିମନ୍ତେ ଲୋକ ପ୍ରତିନିଧି କିମ୍ବା ସରକାରଙ୍କ ଦୃଷ୍ଟି ପଡୁ ନ ଥିବାରୁ କାର୍ଯ୍ୟାଳୟ ପ୍ରତିଷ୍ଠାରେ ଅନ୍ତରାୟ ସାଜିଛି ବୋଲି ସମାଜସେବୀ ପ୍ରଦୀପ କୁମାର ବେହେରା କହିଛନ୍ତି । ସେହିପରି ମାଣତ୍ରୀ ଅଞ୍ଚଳର ବ୍ୟବସାୟୀ ସଂଗ୍ରାମ କେଶରୀ ପାତ୍ର କୁହନ୍ତି, ମୟୂରଭଞ୍ଜ ଜିଲାରୁ ସୁଦାମ ମାରାଣ୍ଡି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦୀର୍ଘଦିନର ଦାବିକୁ ପୂରଣ କରିବା ପାଇଁ ଜିଲାବାସୀ ଭାବେ ସେ ପଦକ୍ଷେପ ଗ୍ରହଣ କଲେ ବ୍ଲକବାସୀ ଉପକୃତ ହୋଇପାରନ୍ତେ । ସେହିପରି କଂଗ୍ରେସ ନେତା ପ୍ରକାଶ କରମହାପାତ୍ର କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଜଣେ ଲେଖାଏଁ ମନ୍ତ୍ରୀ ରହିଛନ୍ତି । ବଡ଼ସାହି ବ୍ଲକବାସୀଙ୍କ ଉକ୍ତ ସମସ୍ୟା ପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଦୀର୍ଘଦିନର ଦାବିକୁ ପୂରଣ କରିବା ପାଇଁ ବିଭିନ୍ନ ସଂଗଠନ, ଯୁବକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଧ ଦାବି କରାଯାଇଛି ।

## ସଂକ୍ଷେପରେ

### ଦ୍ୱାରଶୁଣି ଘାଟିରେ ଓଲଟିଲା ଟ୍ରକ୍, ଡ୍ରାଇଭର ଆହତ

ବାଙ୍ଗିରିପୋଷି,୧।୮(ଡି.ଏନ୍.ଏ.)- ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ପୁଣି ଏକ ଦୁର୍ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଏକ ଆଇରନ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଟ୍ରକ ଚାଳକ ଆହତ ହୋଇଛନ୍ତି। ଖବରପାଇ ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ବୁଧବାର ରାତିରେ ମଧ ଏକ ଗ୍ୟାସ ବୋଝେଇ ୧୦ ଚକିଆ ଟ୍ରକ ଘାଟି ତଳକୁ ଓହ୍ଲାଉ ଥିବା ବେଳେ ଦୃତ ଗତିରେ ଆସୁଥିବା ଅନ୍ୟ ଏକ ଟ୍ରକ ପଛପଟୁ ଧକ୍କା ଦେଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଉଦଳା,୧।୮(ଡି.ଏନ୍.ଏ.)- ଉଦଳା ଉଚ୍ଚ ବିଦ୍ୟାଳୟର ବରିଷ୍ଠ କଳା ଶିକ୍ଷକ ରବିନାରାୟଣ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି, ସମରଜିତ୍ ମହାପାତ୍ର, ନାରାୟଣ ହାତୀ, ରଘୁନାଥ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ଅବସରପ୍ରାପ୍ତ ଶିକ୍ଷକ ସ୍ୱାଇଁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ଠାକୁରମୁଣ୍ଡା,୧।୮(ଡି.ଏନ୍.ଏ.)- ଠାକୁରମୁଣ୍ଡା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଗୁରୁବାର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ପ୍ରଦ୍ୟୁମ୍ନ ନାୟକ, ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ପ୍ରସ୍ତୁତି କମିଟିର ସମ୍ପାଦକ ଶରତ ତ୍ରିପାଠୀ, ଜିପିଓ ଦାମୋଦର ମହାଲିକଙ୍କ ସମେତ ଜାତୀୟ ଦିବସ ପାଳନ କମିଟିର ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଚୋରି ବାଇକ୍ ଜବତ, ୨ ଅଭିଯୁକ୍ତ ଗିରଫ

ବଡ଼ବିଲ,୧।୮(ସ୍ୱ.ପ୍ର.)- ବଡ଼ବିଲ ଥାନା ଅନ୍ତର୍ଗତ ମୃନାଲ କଲୋନୀରୁ ଗତ ରବିବାର ପୂର୍ବାହ୍ନରେ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବଡ଼ବିଲ ଗାଡ଼ା ହଟିଂ ଅଞ୍ଚଳର ସାୱନ ପାତ୍ର ଏବଂ ଝୁମ୍ପୁଡି ବସ୍ତି ଅଞ୍ଚଳର ମିଥୁନ ଲୋହାର। ରବି କୁମାର ବଡ଼ବିଲ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ରବିବାର ସକାଳେ ମୃନାଲ କଲୋନୀସ୍ଥିତ ବାସଭବନ ନିକଟରେ ବାଇକ୍‌ଟି ରଖିଥିଲାବେଳେ କେହି ଦୁର୍ବୃତ୍ତ ଚୋରି କରିନେଇଥିଲେ। ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତ ସାୱନଙ୍କୁ ଗିରଫ କରିଥିଲା। ପରେ ସହଯୋଗୀ ମିଥୁନଙ୍କୁ ଗିରଫ କରିଥିବା ଜଣାପଡିଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ହାଟଡିହୀ,୧।୮(ଡି.ଏନ୍.ଏ.)- ସୋସୋ ପଞ୍ଚାୟତ କଖାରୁଗଡିଆ ଗ୍ରାମର ବୁଦ୍ଧଦେବ ଜେନା(୩୬)ଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବା ଅନୁସାରେ ଗତ ବୁଧବାର ସେ ଟ୍ରାକ୍ଟର ଯୋଗେ ହଳ କରି ଘରକୁ ସନ୍ଧ୍ୟାରେ ଫେରିଥିଲେ। ପରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ରାତିରେ ବୁଦ୍ଧଦେବ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଗୁରବାର ସକାଳୁ ତାଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଛି।

### ନାବାଳକଙ୍କୁ ବାଳସୁଧାର ଗୃହ ପଠାଗଲା

ପାଟଣା,୧।୮(ସ୍ୱ.ପ୍ର.)-ପାଟଣା ଥାନା କୁଣ୍ଡଳା ପଞ୍ଚାୟତ ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିର ୫୫ ବର୍ଷୀୟ ବୃଦ୍ଧ କାଦେ ମାଝୀଙ୍କୁ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ଗାଁ ଦାଣ୍ଡରେ ହତ୍ୟାକରିଥିଲେ। ଏପର୍ଯ୍ୟନ୍ତ ପାଟଣା ପୋଲିସ ଏହି ହତ୍ୟା ଘଟଣାରେ ସମ୍ପୃକ୍ତିଥିବା ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଗୁରୁବାର ଜଣେ ୧୭ ବର୍ଷୀୟ ନାବାଳକଙ୍କୁ କେନ୍ଦୁଝର ସ୍ଥିତ

# ଜମିପଟ୍ଟା ଦାବିରେ ଆମରଣ ଅନଶନ

ଉଦଳା,୧।୮(ଡି.ଏନ୍.ଏ.)



ଆମରଣ ଅନଶନରେ ବସିଥିବା ବସ୍ତିବାସିନ୍ଦା।

ମୟୂରଭଞ୍ଜ ଜିଲା ଉଦଳା ଏନଏସି ଅନ୍ତର୍ଗତ ୫ ନଂ. ୱାର୍ଡ ମୁସଲମାନ ବସ୍ତିରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ୭୦ ବର୍ଷରୁ ଅଧିକ ହେବ ସରକାରୀ ଜମିରେ ରହି ଆସୁଛନ୍ତି। ସରକାରଙ୍କ ପକ୍ଷରୁ ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯାଉଥିବା ବେଳେ ଏହି ବସ୍ତିର ଲୋକେ ଉକ୍ତ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବସ୍ତି ବାସିନ୍ଦାମାନେ ସେମାନଙ୍କୁ ଜମିପଟ୍ଟା ପ୍ରଦାନ ନିମନ୍ତେ ବାରମ୍ବାର ଦାବିକରିଆସୁଛନ୍ତି। ବାରମ୍ବାର ସ୍ଥାନୀୟ ଏନଏସି କାର୍ଯ୍ୟାଳୟ ଏବଂ ତହସିଲକୁ ଦୌଡିଥିଲେ ମଧ ଅଦ୍ୟାବଧି ସେମାନଙ୍କୁ ଜମିପଟ୍ଟା ମିଳିପାରିନାହିଁ। ବହୁ ଦାବି ପରେ ତହସିଲ ପକ୍ଷରୁ ଏହି ବସ୍ତିକୁ ମାପଚୁପ କରାଯାଇଥିଲା। ମାତ୍ର କୌଣସି ପରିବାରକୁ ଭୂମିହୀନ ଚିହ୍ନଟ କରାଯାଇନାହିଁ। ଏହାର ପ୍ରତିବାଦରେ ଗୁରୁବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦା ଆମରଣ ଅନଶନରେ ବସିଛନ୍ତି। କିଛି ଘରକୁ ଷ୍ଟିକରିଂ କରାଯାଇଥିଲେ ସୁଦ୍ଧା ସେମାନଙ୍କୁ ଜମିପଟ୍ଟା ପ୍ରଦାନ କରିବାରେ ସ୍ଥାନୀୟ ତହସିଲଦାର ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଆନ୍ଦୋଳନକାରୀ ରାନୀ ବେହେରା, ଏସକେ ମେହବୁବ ଅଲ୍ଲୀ କହିଛନ୍ତି। ତେବେ ଏହି ଦାବିକୁ ନେଇ ଗତ ମାର୍ଚ୍ଚ ୧୧ ତାରିଖରେ ମଧ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେତେବେଳେ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିବା ବେଳେ ତାହା କାର୍ଯ୍ୟକାରୀ ନ ହେବାରୁ ବସ୍ତିବାସିନ୍ଦା ଆମରଣ ଅନଶନ ଆରମ୍ଭ କରିଥିବା କହିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ମଧ ଦେଇଛନ୍ତି। ଏଥିନେଇ ତହସିଲଦାର ମନିଷା ମଧୁଲିକା ହେମ୍ବ୍ରମଙ୍କୁ ପଚାରିବାରୁ ଉକ୍ତ ବସ୍ତିଟି ମାଷ୍ଟରପ୍ଲାନ ଏରିଆ ଭିତରେ ରହୁଥିବାରୁ ଉକ୍ତ ସ୍ଥାନର ପଟ୍ଟା କାହାକୁ ପ୍ରଦାନ କରାଯାଇ ପାରୁନାହିଁ। ବସ୍ତିବାସିନ୍ଦାମାନଙ୍କୁ ଅନ୍ୟତ୍ର ଥଇଥାନ କରାଯିବାକୁ ତହସିଲ ପକ୍ଷରୁ ସ୍ଥିର କରାଯାଇଥିବା ବେଳେ ସେମାନେ ଉକ୍ତ ସ୍ଥାନକୁ ଯିବାକୁ ରାଜି ହେଉ ନାହାନ୍ତି। ଏହି ସମସ୍ୟା ନେଇ ସେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏହି ଆମରଣ ଅନଶନକୁ ବିଜେପିର ବରିଷ୍ଠ ନେତା ନିହାର ରଞ୍ଜନ ମୋଦି, କମଳ କୁମାର ଧଳ, ପୂର୍ବତନ ଏନଏସି ଅଧକ୍ଷ ସୌଭାଗ୍ୟ କୁମାର ସାହୁ, ମହିଳା ନେତ୍ରୀ ପ୍ରମିଳା ପଣ୍ଡା, ଧୀରେନ୍ଦ୍ର ଖଣ୍ଡେଲୱାଲ, ମମତା ସାହୁ, ଶରତ ଚନ୍ଦ୍ର ଦାସ ପ୍ରମୁଖ ସମର୍ଥନ ଜଣାଇଛନ୍ତି।

# ୫ କାଠ ବେପାରୀ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୧।୮(ଡି.ଏନ୍.ଏ.)

ଠାକୁରମୁଣ୍ଡା ଥାନା ପୋଲିସ ଚୋରା କାଠ ଚାଲାଣ ଅଭିଯୋଗରେ ଗୁରୁବାର ୫ ବେପାରୀଙ୍କୁ ଧରି ବନ ବିଭାଗକୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୋଲିସ ୨ଟି ଗାଡ଼ି ଜବତ କରିଛି। ବନ ବିଭାଗ ଏଥିନେଇ ଏକ ମାମଲା (ନଂ.୭୨/୨୦୧୯) ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗାଡି ମାଲିକ ଭଦ୍ରକ ଜିଲା ଅଗରପଡ଼ା ଥାନା ଅନ୍ତର୍ଗତ ବିତିପୁର ଗ୍ରାମର ଅଜିତ କୁମାର ବେହେରା, ଅଡିଆ ଗ୍ରାମର ମାନସ କୁମାର ପଣ୍ଡା, କାର ଡ୍ରାଇଭର ଅଗରପଡା ଗ୍ରାମର ପ୍ରଦୀପ କୁମାର ମଲ୍ଲିକ, ପାଦି ଗ୍ରାମର ଲମ୍ବୋଦର ଜେନା ଓ ଖାଇରା ଥାନା ଅନ୍ତର୍ଗତ ବଡ଼ଖମାରୀ ଗ୍ରାମର ସୁଭାଷ ମହାରଣା। ଗୁରୁବାର ଭୋର୍ ସମୟରେ ଠାକୁରମୁଣ୍ଡା ଥାନା ଅଧିକାରୀ ଧିରେଜ କୁମାର ଦାସଙ୍କ ସମେତ ପୋଲିସ କର୍ମଚାରୀମାନେ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚମକପୁର ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସେହି ବାଟଦେଇ ଯାଉଥିବା ଏକ କାଠ ବୋଝେଇ ଟାଟା ଏସିଇ ଗାଡ଼ି ଓ ଏହାକୁ ସୁରକ୍ଷା ଦେଇ ଯାଉଥିବା ଅନ୍ୟ ଏକ କାରକୁ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ କାଠ।

# ବଡ଼ସାହି କଲେଜରେ ସ୍ୱାଗତ ଉତ୍ସବ




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

ବଡ଼ସାହି,୧।୮(ସ୍ୱ.ପ୍ର)

ବଡ଼ସାହି କଲେଜର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ସିନିୟର ଛାତ୍ରୀଛାତ୍ରମାନେ ସମସ୍ତଙ୍କୁ ଗୋଲାପ ଫୁଲ ପ୍ରଦାନପୂର୍ବକ ସ୍ୱାଗତ କରିଥିଲେ। ଅଧକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ର ସଂସଦର ଉପଦେଷ୍ଟା ପ୍ରାଧାପକ କୁମୁଦ ଚନ୍ଦ୍ର ସାହୁ, ସୁଧୀର ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପଣ୍ଡା, ଅରୁଣ କୁମାର କର, ଜୀବନ କୁମାର ପଣ୍ଡିତ ଏବଂ ପ୍ରାଧାପିକା ନିବେଦିତା ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏକାଗ୍ରତା ଓ ସମୟାନୁବର୍ତ୍ତିତା ସଫଳତାର ମାପକାଠି ବୋଲି ପରାମର୍ଶ ଦେଇଥିଲେ। ଅଧାପକ ବିନୋଦ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ଅବିନାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ତଥା ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ଆମକୁ ପିଇବା ପାଣି ଦିଅ'

ବଡ଼ସାହି,୧।୮(ସ୍ୱ.ପ୍ର)

ବଡ଼ସାହି ବ୍ଲକଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା ରାଉତରାଣୀ ସାହିର ଜନସାଧାରଣ ପାଇପ୍ ଯୋଗେ ପିଇବା ପାଣି ଯୋଗାଇଦେବାକୁ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ୧୫ ଦିନ ମଧରେ ପାଣିର ସୁବିଧା କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ବଡ଼ସାହି ପଞ୍ଚାୟତ ୬ନଂ. ୱାର୍ଡ ରାଉତରାଣୀ ସାହିରେ ୨୦ ପରିବାରର ଶହେରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସରକାରଙ୍କ ତରଫରୁ ସାହି ଲୋକଙ୍କୁ ପାଣି ଯୋଗାଇଦେବା ଲାଗି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୪ବର୍ଷ ପୂର୍ବେ ପାଇପ୍ ଲାଇନ ବିଛାଯାଇଥିଲା। ପ୍ରକଳ୍ପର ଅନୁଦାନ ସମ୍ପର୍କରେ କୌଣସି ଫଳକ ଲଗାଯାଇ ନ ଥିବା ବେଳେ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିଲା। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଅଭିଯୋଗକାରୀମାନେ ମାଟି ଖୋଳି ଦେଖିବାରୁ ମଝି ଅଂଶରେ ପାଇପ୍ ପଡି ନ ଥିବା ଜଣାପଡିଥିଲା। ଫଳରେ ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ଆସୁ ନ ଥିବାରୁ ସାହିଲୋକେ ପିଇବା ପାଣି ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମର ଶିବ ଟୁଡୁ ପ୍ରକାଶ କରିଛନ୍ତି। ସେହିପରି ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଅଭିଯୋଗ କଲେ ଖୁବ୍‌ଶୀଘ୍ର ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ନୀରବ ରହୁଛନ୍ତି। ଏପରି କି ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ମାଟି ଭିତରେ ଲୁଚାଇ ରଖି ସରକାରୀ ଅର୍ଥ ହଡ଼ପ କରାଯାଇଥିବା ୱାର୍ଡସଭ୍ୟ ଭୁଜୁ ମୁର୍ମୁ, ଗଣେଶ୍ୱର ମାରାଣ୍ଡି, ରୁହ୍ୟା ମୁର୍ମୁ ପ୍ରମୁଖ କହିଛନ୍ତି। ଏଥିନେଇ ବିଭାଗୀୟ ଯନ୍ତ୍ରୀ ଜ୍ଞାନରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ପାଇପ୍ ଜାମ୍ ହୋଇଯାଇଛି, ଖୁବ୍‌ଶୀଘ୍ର ମରାମତି କରି ପିଇବା ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଲକ୍ଷ୍ମୀ ମା'ଙ୍କ ୧୨୬ତମ ଜନ୍ମ ଦିବସ ପାଳିତ

ଯୋଡ଼ା,୧।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସତସଙ୍ଗ ବିହାରଠାରେ ବୁଧବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହଧର୍ମିଣୀ ତଥା ସତସଙ୍ଗ ଜଗତରେ ଜଗଜ୍ଜନନୀ ରୂପରେ ବିଶ୍ୱରେ ପରିଚିତ ଲକ୍ଷ୍ମୀ ମା'ଙ୍କର ୧୨୬ତମ ଜନ୍ମଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ସତସଙ୍ଗ କାର୍ଯ୍ୟକ୍ରମ ଯାଜକ ଚିନ୍ମୟ ପଟ୍ଟନାୟକ, ଅଧ୍ୱର୍ଯ୍ୟ ଅଶୋକ କୁମାର ପାଣିଗ୍ରାହୀ, ଯାଜକ ତାରାକାନ୍ତ ପାଣିଗ୍ରାହୀ, ଯାଜକ ହୃଷିକେଶ ବେହେରା, ଦିଲୀପ କୁମାର ବେହେରା, ଭଗବାନ ଗିରି ପ୍ରମୁଖ ଗୁରୁଭାଇ ସମୂହଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା। ଏହି ପାଳନ ଉପଲକ୍ଷେ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମ ଭିତରେ ବୁଧବାର ପ୍ରାତଃ ୮ଟା ୫୦ ମିନିଟରେ ୧୨୬ ଥର ଶଙ୍ଖଧ୍ୱନି ସହିତ ବନ୍ଦେ ପୁରୁଷୋତ୍ତମ ମହାଧ୍ୱନୀ ମଧରେ ଜନ୍ମ ଲଗ୍ନ ଘୋଷଣା ହୋଇଥିଲା। ପୂର୍ବାହ୍ନରେ ମାତୃ ସମ୍ମିଳନୀ ଓ ସନ୍ଧ୍ୟା ୭ଟା ୧୫ରେ ସତସଙ୍ଗ ସଦାଲୋଚନା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ନାମ ସଂକୀର୍ତ୍ତନ ସତସଙ୍ଗରେ ସ୍ଥାନୀୟ ସହପତି ରିତିକ୍ ମଦନ ମୋହନ ବାରିକ ସତସଙ୍ଗ ପରିଚାଳନା କରିଥିବା ବେଳେ ସୁକାନ୍ତ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୱର୍ଯ୍ୟ ଚରଣ ନାଏକ ଲକ୍ଷ୍ମୀ ମା'ଙ୍କ ଜୀବନଧାରା ସମ୍ବନ୍ଧୀୟ ଚରିତ୍ର ଉପରେ ଅତି ସୁନ୍ଦର ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ନିର୍ବାଚନ ଡ୍ୟୁଟି ପାରିଶ୍ରମିକ ପାଇନାହାନ୍ତି ୧୧ ମହିଳା କର୍ମଚାରୀ

ପାଟଣା,୧।୮(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ ୨୦୧୯ ସମ୍ପନ୍ନ ହେବାରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ଲୋକପ୍ରତିନିଧି ନିର୍ବାଚିତ ହୋଇ ଉଭୟ କେନ୍ଦ୍ରରେ ଓ ରାଜ୍ୟରେ ସରକାର ଗଠନ ହେବା ସହ ବିଧିବଦ୍ଧ ଭାବେ ଲୋକସଭା ଓ ବିଧାନସଭା ଚାଲିଲାଣି। ଏହି ନିର୍ବାଚନ ଡ୍ୟୁଟି କରି କେନ୍ଦୁଝର ଜିଲା ପାଟଣା ବ୍ଲକର ୧୧ ମହିଳା କର୍ମଚାରୀ ଅଦ୍ୟାବଧି ପାରିଶ୍ରମିକ ପାଇପାରି ନାହାନ୍ତି। ଏହି ୧୧ କର୍ମଚାରୀମାନେ ସମସ୍ତେ ପିଙ୍କ ବୁଥରେ କାର୍ଯ୍ୟ କରିଥିବା ଓ ଏଥିସକାଶେ ସଂରକ୍ଷିତ ଥିବା ମହିଳା କର୍ମଚାରୀ। ଏନେଇ ପାଟଣା ବ୍ଲକ ବିଡିଓ ପ୍ରଫୁଲ୍ଲ କୁମାର ନାଏକ ଓ ଜିପିଓ ରଶ୍ମିରେଖା ମହାନ୍ତିଙ୍କ ନିକଟରେ କୌଣସି ସ୍ପଷ୍ଟ ସୂଚନା ନ ଥିବା ବେଳେ ନିର୍ବାଚନ ଦାୟିତ୍ୱରେ ଥିବା ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀଙ୍କୁ ଫୋନ ଯୋଗେ ପ୍ରତିକ୍ରିୟା ସଂଗ୍ରହ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ତାଙ୍କ ସହ କୌଣସି

### ଯୁବ ରେଡ୍‌କ୍ରସ ପକ୍ଷରୁ ବୃକ୍ଷରୋପଣ

ଉଦଳା,୧।୮(ଡି.ଏନ୍.ଏ.)-

ଉଦଳା ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରାଧାପକ ରମେଶ ଚନ୍ଦ୍ର ସାହୁ, ଯୁବ ରେଡ୍‌କ୍ରସ କାଉନ୍‌ସିଲର ଅଧାପକ ଡ. ଯତୀନ କୁମାର ମହାକୁଡ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ପ୍ରଥମେ ସଫେଇ କାର୍ଯ୍ୟକ୍ରମ କରିବା ପରେ ପ୍ରାୟ ଏକ ଶହରୁ ଅଧିକ ପ୍ରକାରର ଚାରା ରୋପଣ କରିଥିଲେ। ସ୍ୱେଚ୍ଛାସେବୀ ମନୋରଞ୍ଜନ ରାଉଳ, ଅଭିଲିପ୍ସା ବିନ୍ଧାଣୀ, ପୂର୍ଣ୍ଣିମା ହେମ୍ବ୍ରମ୍, କୃଷ୍ଣଗୋପାଳ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ଚାତକ ପରି ଚାହିଁ ଚାଷୀକୁଳ ହତାଶ

# ବର୍ଷା ପାଇଁ କରୁଛନ୍ତି ଦେବୀ ପୂଜା

କେନ୍ଦୁଝର, ୧।୮(ସ୍ୱ.ପ୍ର.)

ଚଳିତ ବର୍ଷ ଆଶାନୁଯାୟୀ ବର୍ଷା ହେଉ ନ ଥିବାରୁ ଅନେକ ଅଞ୍ଚଳରେ ଚାଷକାର୍ଯ୍ୟ ବ୍ୟାହତ ହୋଇଛି। ଏଣୁ ଚାଷୀ ଚିନ୍ତାରେ ରହିଛନ୍ତି। ଯେଉଁ ଅଞ୍ଚଳରେ ବର୍ଷା ହୋଇଛି, ତାହା ଚାଷ ପାଇଁ ପର୍ଯ୍ୟାପ୍ତ ନୁହେଁ। ବନ୍ଧ, କେନାଲ ନ ଥିବାରୁ ବର୍ଷାଜଳ ଉପରେ ଅଧିକାଂଶ ଚାଷୀ ନିର୍ଭରଶୀଳ। ଏଣୁ ବର୍ଷା ପାଇଁ ଦେବୀ ପୂଜା ଉପରେ ବିଶ୍ୱାସ ରଖୁଛନ୍ତି। ଏଣୁ ଅନେକ ଅଞ୍ଚଳରେ ଏଥିପାଇଁ ପୂଜାର୍ଚ୍ଚନା, ମାଜଣା, ବେଙ୍ଗ ପୂଜା ଆଦି ଆୟୋଜନ ହେଉଛି। ଆଷାଢ଼ ଯାଇ ଶ୍ରାବଣ ଅଧା ହେଲାଣି, ହେଲେ ଆବଶ୍ୟକ ମୁତାବକ ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ ବୋଲି ଚାଷୀମାନେ କହୁଛନ୍ତି। ଗ୍ରାମ ଦେବତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖୁଥିଲେ ହେଁ ଅନେକ ଅଞ୍ଚଳରେ ପୂଜାର୍ଚ୍ଚନା କଲେ ମଧ ଭଲ ବର୍ଷା ହେଉନାହିଁ। କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅନେକ ସ୍ଥାନରେ ବର୍ଷା ନାହିଁ। ଶେଷରେ ସଦର ଅଞ୍ଚଳର ୧୮ଟି ମୌଜାର ଦେହୁରୀମାନଙ୍କୁ ନେଇ ଏକ ବଡ଼ ପୂଜାପାଠର ଆୟୋଜନ କରାଯାଇଛି। ବରଦାପାଳ ପଞ୍ଚାୟତର ମଙ୍ଗଳେଶ୍ୱରୀ ପୀଠରେ ଗୁରୁବାର ବଡ଼ଧରଣର ପୂଜାର୍ଚ୍ଚନା କରାଯାଇଛି। ମଙ୍ଗଳବାର ୧୮ଟି ମୌଜାର ଦେହୁରୀ ଓ ଗ୍ରାମର ମୁଖିଆମାନେ ସାମିଲ ହୋଇ ମା' ମଙ୍ଗଳେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ମହିଳାମାନେ କଳସରେ ଜଳ ଆଣି ସମସ୍ତ ଦେହୁରୀଙ୍କୁ ଠାକୁରଙ୍କ ଭଳି ଗାଧୋଇ ଜଳାଭିଷେକ କରିଥିଲ। ପରେ ପୀଠରେ ଭୋଗ ଲଗାଇ ପୂଜାର୍ଚ୍ଚନା କରିଥିଲେ।

# ପ୍ରହସନ ପାଲଟିଛି ୧୦୮ ଆମ୍ବୁଲାନ୍ସ ସେବା

ଆନନ୍ଦପୁର, ୧।୮(ସ୍ୱ.ପ୍ର.)




ଅଚଳ ହୋଇପଡ଼ିଥିବା ଆମ୍ବୁଲାନ୍ସ।

■ ୫ଟି ଥିବାବେଳେ ଚାଲିଛି ଗୋଟିଏ
■ ରୋଗୀ ସେବା ବିପର୍ଯ୍ୟସ୍ତ
■ ନିଆଯାଉନି ପଦକ୍ଷେପ

ରୋଗୀମାନଙ୍କୁ ମାଗଣାରେ ଚିକିତ୍ସାଳୟ ନେବା ପାଇଁ ସରକାର ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଛନ୍ତି। ଶତ ପ୍ରତିଶତ ଆମ୍ବୁଲାନ୍ସ ସେବା ବିଫଳତାର ନମୁନା ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି। କେଉଁଠି ରୋଗୀଙ୍କୁ ଆଣିବାକୁ ଯାଉ ଯାଉ ରାସ୍ତାରେ ଅଚଳ ହୋଇପଡି ରହୁଛି ତ ଆଉ କେଉଁଠି ମରାମତି ପାଇଁ ଗ୍ୟାରେଜରେ ରହୁଛି। ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ସମସଗ୍ର ଆନନ୍ଦପୁର ଉପଖଣ୍ଡରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରହସନ ପାଲଟିଛି କହିଲେ ଅତ୍ୟୁକ୍ତି ହେବନି।

ଆନନ୍ଦପୁର ଉପଖଣ୍ଡ ଅଧୀନ ହାଟଡିହୀ, ଘସିପୁରା ଓ ଆନନ୍ଦପୁର ମୋଟ ତିନିଗୋଟି ବ୍ଲକ ପାଇଁ ୫ ଗୋଟି ୧୦୮ ଆମ୍ବୁଲାନ୍ସ ସେବା ରହିଥିବା ବେଳେ ସେଥି ମଧ୍ୟରୁ ମାତ୍ର ଗୋଟିଏ ୧୦୮ ଆମ୍ବୁଲନ୍ସ ସେବା ଯୋଗାଉଛି। ଫଳରେ ଗରିବ ଶ୍ରେଣୀର ରୋଗୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆର୍ଥିକ ଅଭାବ ଅନାଟନ ପାଇଁ ରୋଗୀ ମାନେ ଆମ୍ବୁଲାନ୍ସ ସେବା ଉପରେ ନିର୍ଭର କରୁଥିବାବେଳେ ଏହାର ସଠିକ୍ ସେବା ପାଇ ନ ପାରି ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହେବା ସହ ମାନସିକ ସ୍ତରରେ ଶୋଷଣର ଶିକାର ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଘରେ ଘରେ ସ୍ୱାସ୍ଥ୍ୟ ସେବା ନାରେ ବିଭିନ୍ନ ଯୋଜନା କରୁଥିବାବେଳେ ଏହି ସେବା କେବଳ ନାମକୁ ମାତ୍ର ରହିଛି। ଉପଖଣ୍ଡର ଅଧିକାଂଶ ଆମ୍ବୁଲାନ୍ସ ଖରାପ ହୋଇ ଗ୍ୟାରେଜରେ ରିପ୍ୟାରିଂ ପାଇଁ ପଡିରହିଥିବାବେଳେ ଆଉ କେତେକ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି। ନିକଟରେ ଆନନ୍ଦପୁର ମେଡିକାଲରେ ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀ ଆମ୍ବୁଲାନ୍ସ ସେବା ପାଇନପାରି ମୃତ୍ୟୁମୁଖରେ ପଡିବା ଭଳି ଘଟଣା ନଜରକୁ ଆସିଥିଲା। ପୁଣି ସୁନାରାମ ମାଝୀ ନାମକ ଜଣେ ରୋଗୀ ଆମ୍ବୁଲାନ୍ସ ସେବା ନ ପାଇ ଗୁରୁତର ଅବସ୍ଥାରେ ବସ୍ ଯୋଗ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ଯିବା ଘଟଣାର ନଜିର ରହିଛି। ଏଭଳି ଅନେକ ସମୟରେ ରୋଗୀମାନେ ୧୦୮ ଆମ୍ବୁଲାନ୍ସ ସେବା ପାଇପାରୁ ନ ଥିବାରୁ ନାନା ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କୁ ପଚାରିବାରୁ ୪ଟି ଆମ୍ବୁଲାନ୍ସ ସଚଳ ଥିବା ବେଳେ ଗୋଟିଏ ଅଚଳ ହୋଇଥିବା ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ସଦସ୍ୟତା ସଂଗ୍ରହ ଅଭିଯାନ



ସଦସ୍ୟତା ସଂଗ୍ରହ ଅଭିଯାନରେ ଉପସ୍ଥିତ କର୍ମକର୍ତ୍ତା।

କେନ୍ଦୁଝର, ୧।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଭାଜପା ଯୁବ ମୋର୍ଚ୍ଚା ତରଫରୁ ସଙ୍ଗଠନ ପର୍ବ ମାଧ୍ୟମରେ ସଦସ୍ୟତା ସଂଗ୍ରହ ଅଭିଯାନ ୨୦୧୯ର ଶୁଭାରମ୍ଭ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ମୋର୍ଚ୍ଚାର ସମ୍ପାଦକ ଦୀପକ ଗୋଛାୟତ ଓ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲା ପ୍ରଭାରୀ ଅଯୋଧ୍ୟା ଜେନା ଅତିଥି ଭାବେ ଯୋଗ ଦେଇଥିଲେ। କିପରି ଜିଲାରେ ଯୁବ ସଙ୍ଗଠନକୁ ମଜଭୁତ କରି ଭାଜପାର ସଦସ୍ୟତା କାର୍ଯ୍ୟକ୍ରମ ରେ ସାମିଲ କରାଯାଇପାରିବ ସେ ନେଇ ସେମାନେ ଉପଦେଶ ଦେଇଥିଲେ। ଜିଲା ଯୁବ ମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ବ୍ରଜକିଶୋର ରାୟ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ୟକ ସୂଚନା ଦେଇଥିଲେ। ଜିଲା ସଭାପତି ରାଧାକାନ୍ତ ମହାନ୍ତ, ସାଧାରଣ ସମ୍ପାଦକ ତଥା ସଦସ୍ୟତା ସଂଗ୍ରହ ଅଭିଯାନର ଜିଲା ପ୍ରମୁଖ ଶୁକଦେବ ମହାନ୍ତ ଯୁବ ମୋର୍ଚ୍ଚା ରାଜ୍ୟ ଉପସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ନଗର ମଣ୍ଡଳର ସାଧାରଣ ସମ୍ପାଦକ ଶିବକୁମାର ରାଠୋରଙ୍କ ସମେତ ବିଭିନ୍ନ ମଣ୍ଡଳରୁ ଆସିଥିବା କାର୍ଯ୍ୟକର୍ତ୍ତା ଜିଲାରେ ଯୁବ ମୋର୍ଚ୍ଚାକୁ ସୁଦୃଢ଼ କରିବାକୁ ବିଭିନ୍ନ ଗଠନ ମୂଳକ ଉପଦେଶ ପ୍ରଦାନ କରିଥିଲେ।

### ବଧୂ ହତ୍ୟା ମାମଲାର ରାୟ ପ୍ରକାଶ

# ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ୧୦ ବର୍ଷ ଲେଖାଏ ଜେଲ

ଆନନ୍ଦପୁର, ୧।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ କୃଷ୍ଣପୁର ଗ୍ରାମର ଏକ ବଧୂ ହତ୍ୟା ମାମଲାରେ ରାୟ ଗୁରୁବାର ପ୍ରକାଶ ପାଇଛି। ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ୧୦ ବର୍ଷ ଓ ନଣନ୍ଦଙ୍କୁ ୭ ବର୍ଷ ଜେଲଦଣ୍ଡାଦେଶ ହୋଇଛି। ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାମୁତାବକ, ନନ୍ଦିପଦା ଥାନା ଗିରିଗାଁ ଗ୍ରାମର ଗଣେଶ ସ୍ୱାଇଁଙ୍କ ଝିଅ ରମାମଣି ତା୯।୬।୨୦୧୪ରିଖରେ ଘସିପୁରା ବ୍ଲକ କୃଷ୍ଣପୁର ଗ୍ରାମର ବସନ୍ତ ଓଝାଙ୍କ ପୁଅ ଗଣେଶ ଓରଫ ଦୟାନିଧି ଓଝାଙ୍କୁ ବୈଦିକ ରୀତିରେ ଘସିପୁରା ଝାଡେଶ୍ୱର ମନ୍ଦିରରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯାନୀ ଯୌତୁକ ଦିଆଯାଇଥିଲା। କିଛି ମାସ ପରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ରମାମଣିଙ୍କୁ ମାରି ଟାଙ୍ଗି ଦେଇଥିବା ରମାମଣିଙ୍କ ଭାଇ ଅଲେଖ ସ୍ୱାଇଁ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୧୦୪/୧.୧୦.୨୦୧୫) ରୁଜୁ କରିଥିଲା। ଜିଆର୍ (ନଂ ୫୩୩/୨୦୧୫) କୋର୍ଟ ସ୍ୱାମୀ ଗଣେଶ, ଶ୍ୱଶୁର ବସନ୍ତ , ଶାଶୁ ଜହ୍ନ, ନଣନ୍ଦ କୁନିକୁ ମୁଦାଲା ଭାବେ ଗ୍ରହଣ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସାକ୍ଷୀ ପ୍ରମାଣକୁ ଆଧାର କରି ୪୯୮(ଏ),୩୪ ଧାରାରେ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ନଣନ୍ଦଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ଓ ୧୦ ହଜାର ଜରିମାନା, ୪ଡିପି ଆକ୍ଟରେ ସମସ୍ତଙ୍କୁ ୧ ବର୍ଷ ଜେଲ୍ ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଏବଂ ୩୪–ବି, ୩୪ ଧାରରେ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ନଣନ୍ଦ କୁନିର ବୟସ ଏବଂ ଏକ ଛୋଟ ପିଲା ଥିବାରୁ ତାଙ୍କୁ ଦୃଷ୍ଟିରେ ରଖି ମାନ୍ୟବର କୋର୍ଟ ତାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ସେସନ୍ ଟ୍ରାଏଲ୍ କେସ୍ (ନଂ ୪୬/୮୪) ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ପ୍ରକାଶ ପାଇଛି। ସରକାରୀ ଓକିଲ ଭାବେ ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରିଥିଲେ।

**ନଣନ୍ଦଙ୍କୁ ୭ ବର୍ଷ ଜେଲ**

### ଅପହୃତା ନାବାଳିକାଙ୍କ ବିବାହ ବନ୍ଦ ହେଲା

# ଅପହୃତାଙ୍କୁ ନେଇ ଅପହରଣକାରୀ ଫେରାର

ହାଟଡ଼ିହୀ, ୧।୮(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଗୁହାଳଗଡ଼ିଆ ଅଞ୍ଚଳରେ ଜଣେ ୧୫ ବର୍ଷିଆ ନାବାଳିକା ଜୁଲାଇ ୨୦ ତାରିଖରେ ନିଖୋଜ ହୋଇଯାଇଥିଲେ। ପରିବାର ପକ୍ଷରୁ ଏ ନେଇ ୨୨ ତାରିଖରେ ନନ୍ଦିପଦା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ଅପହରଣ ମାମଲା (ନଂ.୫୭/୧୯) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ନାବାଳିକାଙ୍କ କୌଣସି ପତ୍ତା ପାଇ ନ ଥିଲା। କିନ୍ତୁ ବୁଧବାର ସମ୍ପୃକ୍ତା ନାବାଳିକାଙ୍କ ବିବାହ ଆମ୍ଭୋ ଅଞ୍ଚଳରେ ହେଉଥିବା ଖବର ପାଇ ଆନନ୍ଦପୁର ଚାଇଲ୍ଡଲାଇନ୍‌ର କର୍ମକର୍ତ୍ତା ନନ୍ଦିପଦା ଥାନାରେ ପହଞ୍ଚି ଏ ସଂକ୍ରାନ୍ତରେ ପୋଲିସକୁ ଅବଗତ କରାଇଥିଲେ। ନନ୍ଦିପଦା ପୋଲିସ ଓ ଚାଇଲ୍ଡଲାଇନ କର୍ମକର୍ତ୍ତା ସେଠାରେ ପହଞ୍ଚିଲା ବେଳକୁ ଅପହରଣକାରୀ ନାବାଳିକାଙ୍କୁ ନେଇ ନିଜ ଘରୁ ଫେରାର ହୋଇଯାଇଥିଲେ। ଫଳରେ ବିବାହ ବନ୍ଦ ହୋଇଯାଇଥିଲା। ହେଲେ ପୋଲିସ ଓ ଚାଇଲ୍ଡଲାଇନ କର୍ମକର୍ତ୍ତା ଖାଲିହାତରେ ଫେରିଥିଲେ। ନାବାଳିକାଙ୍କୁ ଉଦ୍ଧାର ପାଇଁ ଆମେ ପଦକ୍ଷେପ ନେଉଛୁ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ୩ ମାସ ତଳେ ମଧୁରଗଡ଼ିଆ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସମ୍ପୃକ୍ତା ଛାତ୍ରୀଙ୍କୁ ଠାବ କରିବାରେ ବିଫଳ ହେବାରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଅଗଷ୍ଟ ୨ ତାରିଖ ସୁଦ୍ଧା ସମ୍ପୃକ୍ତା ଛାତ୍ରୀଙ୍କୁ ଠାବ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

**ପୋଲିସ, ଚାଇଲ୍ଡଲାଇନ କର୍ମକର୍ତ୍ତା ଖାଲିହାତରେ ଫେରିଲେ**

# ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଚମ୍ପୁଆ,୧।୮(ଡି.ଏନ.ଏ.)

ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଅଞ୍ଚଳର ଏକ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତ କୋର୍ଟରେ ଆତ୍ମସର୍ମପଣ କରିଥିବା ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। ଏନେଇ ତା ୨୫।୫।୨୦୧୯ରିଖରେ ଚମ୍ପୁଆ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଘଟଣା ଅନୁସାରେ ରାମଚନ୍ଦ୍ରପୁର ଅଞ୍ଚଳର ଏକ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଯୋଡା କୁଲଡୁମ ଅଞ୍ଚଳର ଦିଲିପ ମହାନ୍ତ ନାମକ ଜଣେ ଯୁବକ ତାଙ୍କୁ ନେଇ ପଳାଇଥିଲା। ପରେ ସମାନ ଜାତିର ହୋଇ ନ ଥିବାରୁ ବିବାହ କରିପାରିବି ନାହିଁ କହି ନାବାଳିକାଙ୍କୁ ତାଙ୍କ ବଡବାପା ଘରେ ଛାଡି ଦିଲିପ ଫେରାର ହୋଇଯାଇଥିଲା। ଏନେଇ ତା ୨୫।୦୫।୨୦୧୯ରିଖରେ ଚମ୍ପୁଆ ଥାନାରେ ଅଭିଯୋଗ ହେବାପରେ ଚମ୍ପୁଆ ପୋଲିସ ପକ୍ଷରୁ କଙ୍କଡାହାଡ ଓ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ମାତ୍ର ବାରମ୍ବାର ଚଢାଉ ଫଳରେ ଅଭିଯୁକ୍ତ କେନ୍ଦୁଝର କୋର୍ଟରେ ଆତ୍ମସର୍ମପଣ କରିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଜଳେଶ୍ୱର ତହସିଲ ପକ୍ଷରୁ ଚଢ଼ାଉ

# ୪ ବାଲି ବୋଝେଇ ଡମ୍ପର ଜବତ

**ଜଳେଶ୍ୱର, ୧।୮:** ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ତହସିଲ ପ୍ରଶାସନ ପକ୍ଷରୁ ଗଠନ କରାଯାଇଥିବା ୬ଜଣିଆ ସ୍ୱତନ୍ତ୍ର ସ୍କ୍ୱାଡ଼ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ବାଲି ପରିବହନ କରୁଥିବା ୪ଟି ଡମ୍ପରକୁ ଜବତ କରିଛି। ଜବତ ଡମ୍ପରଗୁଡ଼ିକୁ ତହସିଲ କାର୍ଯ୍ୟାଳୟ ହେପାଜତକୁ ନିଆଯାଇ ଜରିମାନା ଆଦାୟ କରାଯାଇଛି। ସ୍କ୍ୱାଡ୍ ପକ୍ଷରୁ ନିୟମିତ ଚଢ଼ାଉ ଯୋଗୁ ବାଲି ମାଫିଆମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।




# ବ୍ଲକ କ୍ୟାଶିୟର ବହିଷ୍କୃତ

ଭଣ୍ଡାରିପୋଖରୀ, ୧।୮ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର କ୍ୟାଶିୟର ବଟକୃଷ୍ଣ ବାରିକଙ୍କୁ ଜିଲାପାଳ ଚାକିରିରୁ ବହିଷ୍କୃତ କରିଛନ୍ତି। ପ୍ରକାଶ ଯେ, ଧାମନଗର ମୁନସିପାଟଣା ଗ୍ରାମର ବଟକୃଷ୍ଣ ପୂର୍ବରୁ ଧାମନଗର ତହସିଲ ଅଫିସ୍‌ରେ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିଲେ। ୧୯୯୪ ମସିହା ସେପ୍ଟେମ୍ବର ୧୮ ତାରିଖରେ ସେ ଭଣ୍ଡାରିପୋଖରୀ ଥାନା ଅଧୀନ ଆଲିହା ଗ୍ରାମର ଉମାକାନ୍ତ ସେନାପତିଙ୍କଠାରୁ ଭ୍ୟାଲୁଏସନ ସାର୍ଟିଫିକେଟ୍ ପାଇଁ ୧୭୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ମାମଲା(ନଂ.୨୩/୯୪) ରୁଜୁ ହୋଇଥିଲା। ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଭିଜିଲାନ୍ସ କୋର୍ଟ ଗତ ମେ ମାସରେ ବଟକୃଷ୍ଣଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ୍ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଶୁଣାଣି କରିଥିଲେ। ଏହି ରାୟ ପ୍ରକାଶ ପାଇବା ପରେ ବଟକୃଷ୍ଣ ଦରଖାସ୍ତ ଦେଇ ସେବେଠାରୁ ଛୁଟିରେ ଅଛନ୍ତି। ଗତ ୩୦ ତାରିଖରେ ଜିଲାପାଳଙ୍କ ଚିଠି ସଂଖ୍ୟା ୪୪୬୮ ଅନୁଯାୟୀ ତାଙ୍କୁ ବହିଷ୍କାର କରାଯାଇଛି।



FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE: Sita TVS, Ph: 7852935605. BARIPADA: Allied TVS, Ph: 7852935617. BHADRAK: Sanjay TVS, Ph: 7854962653. BARBIL: Anjali TVS, Ph: 7852944821. KEONJHAR: Kumar Automotives, Ph: 9870326414 Authorised Dealers: Jaleswar, Champa Motors, Ph: 9437216037; Baliapal, Sanjeev Motors, Ph.: 9937194603; Chandaneswar, Sanjiv Automobiles, Ph: 9937194603; Soro, Tarini Motors, Ph: 06788-221845; Rairangpur, Pipal India Vehicles Pvt Ltd, Ph: 7064403120; Basta, S.R. Motors, Ph: 9040526003; Udhala, Pattanayak Motors, Ph: 9437238807; Joda, N & B Motors, Ph: 9439084443; Harichandanpur, Laranya Motors, Ph: 9437633978; Dhenkikot, Ali Motors, Ph: 7008797779; Betnoti, Sai Motors, Ph: 9776142684; Karanjia, Avoni Metal Traders, Ph: 9437037270; Dhamnagar, Sanju Automobiles, Ph : 9437265354: Chandbali, A S Laxmi Automobiles, Ph: 9238514769; Tihidi, Shree Motors, Ph : 9040123010.
McCann/Blr/Tvs/752/08/19




## ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ପାଟଣା,୧।୮(ସ୍ୱ.ପ୍ର.):** ପାଟଣା ବ୍ଲକ କଣ୍ଟିଆପଡା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ପ୍ରଧାନ ଶିକ୍ଷକ ତାଙ୍କୁ ମାନସିକ ନିର୍ଯାତନା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ସେ ତୁରୁମୁଙ୍ଗା ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ତୁରୁମୁଙ୍ଗା ଥାନା ଏସଆଇ ସୁଶିଳା ବାର୍ଲା ଏକ ମାମଲା (ନଂ.୭୫ /୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ୪୧ ସିଆରପିସିରେ ନୋଟିସ ଦେଇ ଛାଡିଦିଆଯାଇଥିବା ବେଳେ ତଦନ୍ତ ଜାରି ରହିଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ